ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍यवेक्षक

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25. No.274 Bhubaneswar Monday December 19, 2022 ୨୫ତମ ବର୍ଷ ସଂଖ୍ୟା-୨୭୪ ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୯,୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

### ଶିଲଂ ଠାରେ ଉତ୍ତର ପୂର୍ବାଞ୍ଚଳ ପରିଷଦ ବୈଠକରେ ଯୋଗଦେଲେ ପ୍ରଧାନମନ୍ତ୍ରୀ

## 'ଉତ୍ତର ପୂର୍ବାଞ୍ଚଳ ଜଳବିଦ୍ୟୁତ ଶକ୍ତି କେନ୍ଦ୍ର ପାଲଟି ପାରିବ'

**ନୂଆଦିଲ୍ଲୀ,୧୮/୧୨:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଶିଲଂ ଠାରେ ଉତର ପୂର୍ବାଂଚଳ ପରିଷଦ (ଏନଇସି)ର ବୈଠକକୁ ସମ୍ବୋଧିତ କରିଛନ୍ତି । ଏହି ବୈଠକ ଉତର ପୂର୍ବାଂଚଳ ପରିଷଦର ସୁବର୍ଣ୍ଣ ଜୟନ୍ତୀ ସମାରୋହର ପ୍ରତୀକ । ଏହି ପରିଷଦ ୧୯୭୨ରେ ବିଧିବଦ୍ଧ ଭାବେ ଉଦଘାଟିତ ହୋଇଥିଲା ।



ଉତର ପୂର୍ବାଂଚଳ ବିକାଶରେ ଏନଇସିର ଅବଦାନକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏନଇସିର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଜାଦୀ କି ଅମୃତ ମହୋତ୍ସବ ସହିତ ଆୟୋଜିତ ହେଉଛି। ଅଂଚଳର ୮ ରାଜ୍ୟକୁ ଅଷ୍ଟ ଲକ୍ଷ୍ମୀ ଭାବେ ସେ ବିବେଚନା କରୁଥିବା କହିବା ସହ ଏହି ଅଂଚଳର ବିକାଶ ପାଇଁ ସରକାର ଶାନ୍ତି, ଶକ୍ତି, ପର୍ଯ୍ୟଟନ, ୫ଜି କନେକ୍ଟିଭିଟି, ସଂସ୍କୃତି, ପ୍ରାକୃତିକ କୃଷି, କ୍ରୀଡା ଦକ୍ଷତା ଭଳି ୮ଟି ମୂଳ ସ୍ତମ୍ଭ ଉପରେ କାମ କରିବା ଦରକାର ବୋଲି କହିଛନ୍ତି ।

ଉତର ପୂର୍ବାଂଚଳ ଦକ୍ଷିଣ ପୂର୍ବ ଏସିଆକୁ ଆମ ପ୍ରବେଶ ଦ୍ୱାର ଓ ସମଗ୍ର କ୍ଷେତ୍ର ପାଇଁ ଏହା ବିକାଶର କେନ୍ଦ୍ର ପାଲଟି ପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅଂଚଳର ସମ୍ଭାବନାକୁ ସାକାର କରିବା ପାଇଁ ଭାରତୀୟ- ମିଆଁମାର- ଥାଇଲାଣ୍ଡ ତ୍ରିପକ୍ଷୀୟ ରାଜପଥ ଓ ଅଗରତାଲା- ଅଖୌରା ରେଳ ପ୍ରକଳ୍ପ ଭଳି କାମ ଚାଲିଥିବା ସେ କହିଛନ୍ତି । ସରକାର 'ଲୁକ ଇଷ୍ଟ' ନୀତିକୁ 'ଆକ୍ଟ ଇଷ୍ଟ' ନୀତିରେ ବଦଳାଇବା ଠାରୁ ଆଗେଇ ସାରିଛନ୍ତି ଓ ଏବେ ଏହା 'ଆକ୍ଟ ଫାଷ୍ଟ ଫର ନର୍ଥଇଷ୍ଟ' ନୀତିରେ ପରିଣତ ହୋଇସାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଅଂଚଳରେ ଶାନ୍ତି ପ୍ରୟାସର ସଫଳତା ସମ୍ପର୍କରେ ଆଲୋକପାତ କରି ସେ କହିଛନ୍ତି ବହୁ ଶାନ୍ତି ରାଜିନାମା ସ୍ୱାକ୍ଷରିତ ହୋଇଛି, ଆନ୍ତଃ ରାଜ୍ୟ ସୀମା ରାଜିନାମା ହୋଇଛି ଓ ଆତଙ୍କବାଦ ଘଟଣା ବେଶ ହ୍ରାସ ପାଇଛି ।

ନେଟ ଜିରୋ ପ୍ରତି ଭାରତର ପ୍ରତିବଦ୍ଧତା ସମ୍ପର୍କରେ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଉତର ପୂର୍ବାଂଚଳ ଜଳବିଦ୍ୟୁତ ଶକ୍ତି କେନ୍ଦ୍ର ପାଲଟି ପାରିବ । ଏହାଦ୍ୱାରା ଅଂଚଳର ରାଜ୍ୟଗୁଡିକ ଅତିରିକ୍ତ ବିଦ୍ୟୁତ ପାଇବେ, ଶିଳ୍ପଦ୍ୟୋଗ ବିକାଶ ହେବ ଓ ବହୁ ସଂଖ୍ୟାରେ ନିଯୁକ୍ତି ସୃଷ୍ଟି ହେବ । ଅଂଚଳର ପର୍ଯ୍ୟଟନ କ୍ଷମତା ସମ୍ପର୍କରେ ଆଲୋଚନା କରି ସେ କହିଛନ୍ତି ଅଂଚଳର ପ୍ରକୃତି ଓ ସଂସ୍କୃତି ଦେଶବିଦେଶରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ଏହି ଅଂଚଳରେ ପର୍ଯ୍ୟଟନ ସର୍କିଟ ଚିହ୍ନିତ ଓ ବିକଶିତ କରାଯାଉଛି। ବିଭିନ୍ନ ଅଂଚଳର ଲୋକଙ୍କୁ ଏକାଠି କରିବା ପାଇଁ ୧୦୦ଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଉତର ପୂର୍ବାଂଚଳ ପଠାଇବା ସମ୍ପର୍କରେ ସେ ଆଲୋଚନା କରିଛନ୍ତି । ଏହି ଛାତ୍ରଛାତ୍ରୀମାନେ ଅଂଚଳର ଦୂତ ସାଜିବେ ।

ଅଂଚଳରେ କନେକ୍ଟିଭିଟି ବୃଦ୍ଧି ସମ୍ପର୍କରେ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଦଶନ୍ଧି ଦଶନ୍ଧି ଧରି ପଡି ରହିଥିବା ଅନେକ ପୋଲ ନିର୍ମାଣ ପ୍ରକଳ୍ପ ଶେଷ ହୋଇଛି । ବିଗତ ୮ ବର୍ଷରେ ଏହି ଅଂଚଳର ବିମାନ ବନ୍ଦର ସଂଖ୍ୟା ୯ରୁ ୧୬ରେ ପହଂଚିଛି ଓ ୨୦୧୪ ପୂର୍ବରୁ ପ୍ରାୟ ୯୦୦ ଥିବା ବିମାନ ଉଡାଣ ସଂଖ୍ୟା ଏବେ ବୃଦ୍ଧି ପାଇ ପ୍ରାୟ ୧୯୦୦ ହୋଇଛି । ଅନେକ ଉତର ପୂର୍ବାଂଚଳ ରାଜ୍ୟ ପ୍ରଥମ ଥର ପାଇଁ ରେଳ ମାନଚିତ୍ରକୁ ଆସିଛନ୍ତି ଓ ଜଳମାର୍ଗ ବିସ୍ତାର ପାଇଁ ଉଦ୍ୟମ ଜାରି ରହିଛି । ଏହି ଅଂଚଳରେ ୨୦୧୪ ପରେ ଜାତୀୟ ରାଜପଥ ଦୈର୍ଘ୍ୟ ୫୦ ପ୍ରତିଶତ ବଢିଛି । ପିଏମ- ଡିଭାଇନ ଯୋଜନା ଶୁଭାରମ୍ଭ ଦ୍ୱାରା ଉତର ପୂର୍ବାଂଚଳରେ ଭିତିଭୂମି ପ୍ରକଳ୍ପ ତ୍ୱରାନ୍ୱିତ ହୋଇଛି । ଅପ୍ଟିକାଲ ଫାଇବର ନେଟୱ୍ୱର୍କ ବୃଦ୍ଧି କରି ଉତର ପୂର୍ବାଂଚଳରେ ଡିଜିଟାଲ ସଂଯୋଗୀକରଣ ବୃଦ୍ଧି କରିବାକୁ ସରକାର ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି । ଆତ୍ମନିର୍ଭର ୫ଜି ଭିତିଭୂମି ବିକାଶ ସମ୍ପର୍କରେ ଆଲୋଚନା କରି ସେ କହିଛନ୍ତି ୫ଜି ମାଧ୍ୟମରେ ଅଂଚଳରେ ଷ୍ଟାର୍ଟଅପ ଇକୋସିଷ୍ଟମ, ସେବା କ୍ଷେତ୍ର ଆଦି ବିକଶିତ ହୋଇପାରିବ । ସରକାର ଉତର ପୂର୍ବାଂଚଳକୁ କେବଳ ଅର୍ଥନୈତିକ ବିକାଶ କେନ୍ଦ୍ର ଭାବେ ନୁହେଁ ବରଂ ସାଂସ୍କୃତିକ ବିକାଶ କେନ୍ଦ୍ର ଭାବେ ଗଢି ତୋଳିବାକୁ ପ୍ରତିବଦ୍ଧ ବୋଲି ସେ କହିଛନ୍ତି । ଅଂଚଳର କୃଷି ଦକ୍ଷତା ସମ୍ପର୍କରେ ଆଲୋଚନା କରି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ, ପ୍ରାକୃତିକ କୃଷି କ୍ଷେତ୍ରରେ ଉତର ପୂର୍ବାଂଚଳ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ । କୃଷି ଉଡାନ ମାଧ୍ୟମରେ ଅଂଚଳର ଚାଷୀମାନେ ସେମାନଙ୍କ ଉତ୍ପାଦଗୁଡିକୁ ଦେଶ ତଥା ବିଶ୍ୱର ବିଭିନ୍ନ ସ୍ଥାନକୁ ପଠାଇ ପାରିବେ । ଉତର ପୂର୍ବାଂଚଳ ରାଜ୍ୟଗୁଡିକ ଖାଦ୍ୟ ତୈଳ ଉପରେ ଚାଲୁଥିବା ଜାତୀୟ ମିଶନ- ଅଏଲ ପାମରେ ଅଂଶଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଭୌଗୋଳିକ ଆହ୍ୱାନର ମୁକାବିଲା ସାଙ୍ଗକୁ ଉତ୍ପାଦ ବଜାରରେ ପହଂଚାଇବା ପାଇଁ ଡ୍ରୋନ କିପରି ଚାଷୀଙ୍କୁ ସାହାଯ୍ୟ କରିବ ସେ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି । କ୍ରୀଡା ପ୍ରତି ଅଂଚଳର ଅବଦାନ ସମ୍ପର୍କରେ ଆଲୋଚନା କରି ସେ କହିଛନ୍ତି ସରକାର ଉତର ପୂର୍ବାଂଚଳରେ ଭାରତର ପ୍ରଥମ କ୍ରୀଡା ବିଶ୍ୱବିଦ୍ୟାଳୟ ବିକଶିତ କରି ଅଂଚଳର କ୍ରୀଡାବିତମାନଙ୍କୁ ସହାୟତା କରିବା ପାଇଁ ଉଦ୍ୟମରତ । ଅଂଚଳର ୮ଟି ରାଜ୍ୟରେ ୨୦୦ରୁ ଅଧିକ ଖେଲୋ ଇଣ୍ଡିଆ କେନ୍ଦ୍ର ଅନୁମୋଦିତ ହୋଇଛି ଓ ଏହି ଅଂଚଳର ବହୁ କ୍ରୀଡାବିତ ଟପ୍ସ ଯୋଜନାରେ ଲାଭାନ୍ୱିତ ହେଉଛନ୍ତି।

### ନବରଙ୍ଗପୁର କଲେଜର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ କେନ୍ଦ୍ରମନ୍ତ୍ରୀ

## ଜିଲ୍ଲାର ପ୍ରଗତି ପାଇଁ ଶିକ୍ଷା ସହ ଦକ୍ଷତା ବିକାଶ ହିଁ ବିକଳ୍ପ: ଧର୍ମେନ୍ଦ୍ର ପ୍ରଧାନ



**ନବରଙ୍ଗପୁର, (ପିଏନ)-** ନବରଙ୍ଗପୁର ଜିଲ୍ଲାର ପ୍ରଗତି ପାଇଁ ଶିକ୍ଷା ଓ ଦକ୍ଷତା ବିକାଶ ହିଁ ଅନ୍ୟ ଏକ ବିକଳ୍ପ ବୋଲି ରବିବାର ଏହି ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ନବରଙ୍ଗପୁର ଜିଲ୍ଲାର କୃଷି ଉତ୍ପାଦିତ ସାମଗ୍ରୀକୁ ବାହାର ବଜାରରେ ପହଂଚାଇବା ପାଇଁ ପଡିବ । ଆମ ସମସ୍ତଙ୍କର ଦାୟିତ୍ୱ ଏ ଜିଲ୍ଲାକୁ ଆଗକୁ ନେବା ପାଇଁ ପଡିବ । ଏକବିଂଶ ଶତାବ୍ଦୀରେ ଭାରତ କେନ୍ଦ୍ରବିନ୍ଦୁ ହେଲାଣି। ସେହି ସମୟରେ ଓଡ଼ିଶାର ପ୍ରଗତି ସେବେ ସମ୍ଭବ ହେବ ଯେବେ ନବରଙ୍ଗପୁର ପରି ଆକାଂକ୍ଷୀ ଜିଲ୍ଲା ଶିକ୍ଷା ମାଧ୍ୟମରେ ସ୍ୱାବଲମ୍ବୀ ଓ ସ୍ୱାଭିମାନ ହେବେ । ଜିଲ୍ଲାର ପ୍ରଗତିରେ ହିଁ ରାଜ୍ୟ ଓ ଦେଶର ପ୍ରଗତି ଲୁଚି ରହିଛି । ଜିଲ୍ଲାକୁ ଆଗକୁ ନେବାକୁ ହେଲେ ଶିକ୍ଷାର କୌଣସି ବିକଳ୍ପ ନାହିଁ । ଶିକ୍ଷା ହିଁ ମଣିଷକୁ ସ୍ୱାଭିମାନୀ ଓ ସ୍ୱାବଲମ୍ବୀ କରିବ । ଏହା ହିଁ ଶିକ୍ଷା ନୀତିର ଉଦ୍ଦେଶ୍ୟ । ନୂଆ ଜାତୀୟ ଶିକ୍ଷା ନୀତି ଚାକିରି ଅନ୍ୱେଷଣ ନୁହେଁ ଚାକିରିଦାତା ହେବାକୁ ଗୁରୁତ୍ୱ ଦେଉଛି ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପ୍ରଣିତ ନୂଆ ଜାତୀୟ ଶିକ୍ଷା ନୀତିକୁ ଦେଶର ଅନ୍ୟତମ ଶ୍ରେଷ୍ଠ ବୈଜ୍ଞାନିକ ଡା.କେ.କସ୍ତୁରିରଙ୍ଗନ ପ୍ରସ୍ତୁତ କରିଛନ୍ତି । ସ୍ଥାନୀୟ ଓ ମାତୃଭାଷାରେ ପାଠ ପଢିବା ପାଇଁ ଶିକ୍ଷା ନୀତିରେ ଗୁରୁତ୍ୱ ଦିଆଯାଇଛି । ମାତୃଭାଷାରେ ପାଠ ପଢିଲେ ହିଁ ଏ ଅଂଚଳର ଜନଜାତି ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ପରିପ୍ରକାଶ ଘଟିବ । ମାତୃଭାଷାରେ ଶିକ୍ଷା ମଣିଷକୁ ଉଚ୍ଚତର ସୋପାନକୁ ନେଇଥାଏ ।

ନବରଙ୍ଗପୁର କଲେଜରେ ସମାଜର ଅଧିକାଂଶ ବଂଚିତ ବର୍ଗର ପିଲାମାନେ ପାଠ ପଢୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ନବରଙ୍ଗପୁର କଲେଜକୁ ବିଧିବଦ୍ଧ ଭାବେ ସରକାରୀ କଲେଜ କରିବା ପାଇଁ ରାଜ୍ୟ ସରକାର ଦାୟିତ୍ୱ ନିଅନ୍ତୁ ।କଲେଜକୁ ସରକାରୀ ମାନ୍ୟତା ମିଳିବା ଦ୍ୱାରା ଜନଜାତି ଛାତ୍ରଛାତ୍ରୀମାନେ ଅଧିକ ଲାଭ ପାଇପାରିବେ । ଶିକ୍ଷାନୁଷ୍ଠାନର ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଭାରତ ସରକାର ମଧ୍ୟ ଯଥାସମ୍ଭବ ସହଯୋଗୀ ହେବେ ।କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ କିଛି ବର୍ଷ ପୂର୍ବେ ଏହି ଜିଲ୍ଲାର ଝରିଗାଁର ଗରିବ ପରିବାରରୁ ଆସି ସର୍ବଭାରତୀୟ ଦକ୍ଷତା ପ୍ରତିଯୋଗିତାରେ ଟପ୍ପର ହୋଇଥିବା ଶ୍ରୀକାନ୍ତ ସାହୁଙ୍କୁ ସେ ଭେଟିଥିଲେ ।

## ଜାତୀୟ ସ୍ତରରେ ଓଡ଼ିଶାକୁ ପ୍ରତିଷ୍ଠିତ କରିବା ପାଇଁ ଯୁବବର୍ଗ ଉଦ୍ୟୋଗ କ୍ଷେତ୍ରରେ ନେତୃତ୍ୱ ନେବା ଆବଶ୍ୟକ: ମନ୍ତ୍ରୀ

**ଭୁବନେଶ୍ୱର, (ପିଏନ)-** ଆଜି ସ୍ଥାନୀୟ ଓ-ହବ୍‌ଠାରେ ଷ୍ଟାର୍ଟଅପ୍ ଓଡ଼ିଶାର ଏକ ବର୍ଷ ପୂର୍ତ୍ତି ଉତ୍ସବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶକ୍ତି, ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଶ୍ରୀ ପ୍ରତାପ କେଶରୀ ଦେବ ଉଦ୍ୟୋଗ କ୍ଷେତ୍ରରେ ଓଡ଼ିଶାକୁ ଭାରତ ମାନଚିତ୍ରରେ ପ୍ରତିଷ୍ଠିତ କରିବାକୁ ଯୁବବର୍ଗ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଯୁବବର୍ଗ ତାଙ୍କର ସୃଜନଶୀଳ ପ୍ରତିଭା ଏବଂ ବୁଦ୍ଧିମତ୍ତାକୁ ପ୍ରୟୋଗ କରି ଉଦ୍ୟୋଗୀ ହେବା ଆବଶ୍ୟକ ବୋଲି ସେ କହିଥିଲେ ।

ଏହି ଅବସରରେ ଷ୍ଟାର୍ଟଅପ୍ ଓଡ଼ିଶାର ନିର୍ବାହୀ ଅଧକ୍ଷ ଡ. ଓମ୍‌କାର ରାଏ ରାଜ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦକ୍ଷ ନେତୃତ୍ୱରେ ଆଜି ଷ୍ଟାର୍ଟଅପ୍ ଓଡ଼ିଶା ରାଜ୍ୟରେ ଏକ ପ୍ରମୁଖ ଇନ୍‌କ୍ୟୁବେଟର ପ୍ରତିଷ୍ଠା କରିବା ସହ ଏକ ଉତ୍ତମ ଷ୍ଟାର୍ଟଅପ୍ ପରିମଣ୍ଡଳ ସୃଷ୍ଟି ହୋଇପାରିଥିବା କହିଥିଲେ । ବର୍ତ୍ତମାନ ରାଜ୍ୟରେ ୧୪୫୦ଟି ଷ୍ଟାର୍ଟଅପ୍ ବିଭିନ୍ନ କ୍ଷେତ୍ରରେ ହୋଇପାରିଥିବାବେଳେ ୨୫ଟି ଇନ୍‌କ୍ୟୁବେଟର ପ୍ରତିଷ୍ଠା ହୋଇ ବିଭିନ୍ନ ପ୍ରକାରର ଉତ୍ପାଦ ତିଆରି କରିପାରୁଥିବା ସେ ପ୍ରକାଶ କରିଥିଲେ ।ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର କହିଥିଲେ ଯେ ଷ୍ଟାର୍ଟଅପ୍‌ର ବିକାଶ ପାଇଁ ରାଜ୍ୟ ସବୁ ପ୍ରକାର ସାହାଯ୍ୟ ଦେବାକୁ ପ୍ରସ୍ତୁତ । ଆଗକୁ ଏକ ସ୍ୱଚ୍ଛ ନୀତି ପ୍ରଣୟନ କରାଯିବ, ଯାହା ଏହି ଉଦ୍ୟମକୁ ତ୍ୱରିତ ଭାବେ ଷ୍ଟାର୍ଟଅପ୍ ସୁସ୍ଥ ପରିମଣ୍ଡଳ ସୃଷ୍ଟି କରିପାରିବ ବୋଲି କହିଥିଲେ । ଏହି ଅବସରରେ ଓ-ହବ୍ ବୁକ୍‌ଲେଟ୍ ଉନ୍ମୋଚନ କରାଯାଇଥିଲା । ଏହି ବୁକ୍‌ଲେଟ୍‌ରେ ବିଭିନ୍ନ କାର୍ଯ୍ୟକ୍ରମ କାହାଣୀ ସହ ଓ-ହବ୍ ଦ୍ୱାରା କରାଯାଇଥିବା କାର୍ଯ୍ୟଗୁଡ଼ିକ ବ୍ୟାଖ୍ୟା କରାଯାଇଛି । ଏଥି ସହିତ ମେଂଟର କନେକଫ ପ୍ଲାଟ୍‌ଫର୍ମର ଶୁଭାରମ୍ଭ କରାଯାଇଥିଲା । ଏହା ଦ୍ୱାରା ବିଶେଷଜ୍ଞମାନଙ୍କ ଦ୍ୱାରା ଉପଯୁକ୍ତ ସହଯୋଗ ମିଳିପାରିବ । ପରେ ଅତିଥିମାନେ ଉପସ୍ଥିତ ଷ୍ଟାର୍ଟଅପ୍, ଉଦ୍ୟୋଗୀ ଏବଂ ଇନ୍‌କ୍ୟୁବେଟରମାନଙ୍କ ସହ ଖୋଲା ଆଲୋଚନା କରିଥିଲେ । ଯୁବ ଉଦ୍ୟୋଗୀମାନଙ୍କୁ ତାଙ୍କର ସୃଜନଶୀଳତାର ପରିପ୍ରକାଶ କରିବା, ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବା ଏବଂ ନୂତନ ଜ୍ଞାନକୌଶଳ ପ୍ରୟୋଗରେ ନୂଆ ଉପକରଣ ବିକଶିତ କରିବା ଆଦି ଲକ୍ଷ୍ୟ ରଖି ରାଜ୍ୟ ସରକାର ଭୁବନେଶ୍ୱରଠାରେ ଏକ ବିଶ୍ୱସ୍ତରୀୟ ଭିତ୍ତିଭୂମିର ବିକାଶ କରୁଛନ୍ତି । ଗତବର୍ଷ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଓ-ହବ୍‌ର ଶୁଭ ଉଦ୍‌ଘାଟନ କରିଥିଲେ । ଏହା ଷ୍ଟାର୍ଟଅପସ୍ ଓଡ଼ିଶାର ଇନ୍‌କ୍ୟୁବେସନ୍ କେନ୍ଦ୍ର । ୨୦୧୬ ମସିହାଠାରୁ ଆଜି ପର୍ଯ୍ୟନ୍ତ ସର୍ବମୋଟ ୧୪୫୦ଟି ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କରାଯାଇଛି । ଏଥି ମଧ୍ୟରୁ ମହିଳାମାନଙ୍କ ଦ୍ୱାରା ୫୯୦ଟି ଷ୍ଟାର୍ଟଅପସ୍ ପରିଚାଳିତ । ରାଜ୍ୟରେ ଗତ ଏକ ବର୍ଷ ମଧ୍ୟରେ ଏହି ଓ-ହବ୍ ଷ୍ଟାର୍ଟଅପସ୍ ପରିମଣ୍ଡଳ ସୃଷ୍ଟି କରିବାରେ ବିଶେଷ ଭୂମିକା ଗ୍ରହଣ କରାଯାଇଛି । ଏହା ନିରନ୍ତର ଭାବେ ଏ କ୍ଷେତ୍ରରେ କାର୍ଯ୍ୟ କରିବା ସହ ଅଧିକରୁ ଅଧିକ ଷ୍ଟାର୍ଟଅପ୍ ଏଥିରେ ସାମିଲ ହେବା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି । ଏକବର୍ଷର ସଫଳତା ସକାଶେ ଏହାକୁ ଆଡମ୍ବର ସକାଶେ ପାଳନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି ।

## ନୌସେନାରେସାମିଲ ହେଲା ଆଇଏନଏସ ମୋର୍ମୁଗାଓ

**ନୂଆଦିଲ୍ଲୀ:** ବଢ଼ିବ ଭାରତୀୟ ନୌସେନାର ଶକ୍ତି। ଥରହର ହେବେ ଶତ୍ରୁ। ସମୁଦ୍ରରେ ନିଜର ଉପସ୍ଥିତି ଜାହିର କରିବ ଭାରତର ବାହୁବଳୀ ଆଇଏନ୍‌ଏସ୍ ମୋର୍ମୁଗାଓ। ଆଜି ନୌସେନାରେ ସାମିଲ ହେଲା ଏହି ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ପି୧୫ବି ଷ୍ଟିଲଥ ଗାଇଡେଡ୍ ମିଶାଇଲ୍ ବିଧ୍ୱଂସକାରୀ ଯୁଦ୍ଧଜାହାଜ। ଭାରତ ମହାସାଗରରେ ଚ଼ୀନ୍‌ର ଉପସ୍ଥିତିକୁ ଚ଼୍ୟାଲେଞ୍ଜ କରିବା ସହ ଏହା ଭାରତୀୟ ନୌସେନାର ଶକ୍ତି ବୃଦ୍ଧି କରିବ। ଆଧୁନିକ ଟେକ୍‌ନିକ୍‌ରେ ତିଆରି ସେନ୍ସର୍ ଓ ରାଡାର୍ ଯୁକ୍ତ ଏହି ଯୁଦ୍ଧ ଜାହଜକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନୌସେନା ଡକୟାର୍ଡ, ମୁମ୍ବାଇରେ ଏହାକୁ ନୌସେନାରେ ସାମିଲ କରାଇଛନ୍ତି। ଏହି ଶକ୍ତିଶାଳୀ ଯୁଦ୍ଧ ଜାହାର ଅନେକ ବୈଶିଷ୍ଟ୍ୟ ଅଛି। ଏହି ଗାଇଡେଡ୍ ମିସାଇଲ୍ ବିଧ୍ୱଂସକାରୀକୁ ଆଧୁନିକ ଯୁଦ୍ଧ ପାଇଁ ତିଆରି କରାଯାଇଛି। ଏହି ଯୁଦ୍ଧ ଜାହାଜ ଭାରତୀୟ ନୌସେନାର ଯୁଦ୍ଧ ଜାହାଜରେ ସବୁଠାରୁ ଦକ୍ଷ ଏବଂ ଆଧୁନିକ ଅସ୍ତ୍ରଶସ୍ତ୍ର ସହିତ ସଜ୍ଜିତ। ଏହାର ଲମ୍ବ ଲମ୍ବ ୧୬୩ ମିଟର ଓ ପ୍ରସ୍ତ ୧୭ ମିଟର। ଆଇଏନ୍‌ଏସ୍ ମୋର୍ମୁଗାଓର ଓଜନ ୭ ହଜାର ୪ଶହ ଟନ୍। ଏଥିରେ ୪ଟି ଶକ୍ତିଶାଳୀ ଗ୍ୟାସ୍ ଟର୍ବାଇନ୍ ରହିଛି। ଆଇଏନ୍‌ଏସ୍ ମୋର୍ମୁଗାଓର ସମୁଦ୍ରରେ ଘଣ୍ଟା ପ୍ରତି ୪୮ କିଲୋମିଟର୍ ବେଗରେ ଗେତି କରିପାରେ। ଏହା ଯୁଦ୍ଧରେ ଆଣବିକ, ଜୈବିକ, ରାସାୟନିକ ଆକ୍ରମଣ ଭଳି ସ୍ଥିତିକୁ ମୁକାବିଲା କରିପାରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ଯୁଦ୍ଧ ଜାହାଜ ବାହ୍ୟ ସ୍ତରକୁ ସ୍ୱତନ୍ତ୍ର ଷ୍ଟିଲ୍‌ରେ ନିର୍ମିତ କରାଯାଇଛି, ଯାହାଦ୍ୱାରା ଶତ୍ରୁ ପକ୍ଷର ରାଡାର ଏହାକୁ ଖୋଜି ପାରିବେ ନାହିଁ। ଏଥିରେ ଏକେ-୬୩୦ ଆଣ୍ଟି ମିସାଇଲ୍ ଗନ ସିଷ୍ଟମ ରହିଛି। ମୋର୍ମୁଗାଓରେ ଦୁଇଟି ଆର୍‌ବିଇୟୁ-୬୦୦୦ ଆଣ୍ଟି ସବ୍‌ମେରିନ୍ ରକେଟ୍ ଲଞ୍ଚର ବି ଲାଗିଛି। ଅତ୍ୟଧିକ ଖରାପ ପାଗରେ ମଧ୍ୟ ନୌସେନା ହେଲିକପ୍ଟର ଏହା ଉପରେ ଅବତରଣ କରିବାକୁ ସକ୍ଷମ ହେବ।




## 'ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ'

**ଭୁବନେଶ୍ୱର,(ପିଏନ)-** ବିଶୃଙ୍ଖଳା ଓ ବିଶୃଙ୍ଖଳାକାରୀଙ୍କୁ କୌଣସି ପରିସ୍ଥିତିରେ ଆଉ ବରଦାସ୍ତ କରାଯିବ ନାହିଁ। ସେମାନଙ୍କ ବିରୋଧରେ ଅତି କୋଠୋରୁ କୋଠୋରୁ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦଳ ବଡ଼ ବ୍ୟକ୍ତି ବଡ଼ ନୁହେଁ। ଆଜି ଯେଉଁମାନେ ନିଜକୁ ବହୁ ବଡ଼ ବଡ଼ ନେତାବୋଲି କହୁଛନ୍ତି ସେ ସମସ୍ତେ କଂଗ୍ରେସ ଦଳ ଯୋଗୁଁ ଆଜି ସମାଜରେ ଏହି ସ୍ଥିତିରେ ପଂହଚିଛନ୍ତି। କଂଗ୍ରେସ ଦଳ ଯୋଗୁଁ ବିଧାୟକ, ସାଂସଦ, ମନ୍ତ୍ରୀ ଇତ୍ୟାଦି ହୋଇଛନ୍ତି। ସମାଜରେ ସେମାନଙ୍କର ପରିଚୟ କଂଗ୍ରେସ ଦଳ ଦେଇଛି। କିନ୍ତୁ ଏବେ କିଛି ଲୋକ ନିଜକୁ ଦଳ ଠାରୁ ବହୁତ ବଡ଼ ବୋଲି ଗଣମାଧ୍ୟମରେ କହି ବୁଲୁଛନ୍ତି ଦଳର ଏବଂ ଦଳୀୟ ନେତୃବର୍ଗଙ୍କୁ ଗଣମାଧ୍ୟମରେ ଏବଂ ବିଭିନ୍ନ ମାଧ୍ୟମରେ ନିନ୍ଦିତ କରୁଛନ୍ତି ଏବଂ କରିବାର ପ୍ରୟାସ ଜାରି ରଖିଛନ୍ତି। ତଦ୍ୱାରା କଂଗ୍ରେସ ଦଳ ସାମୁହିକ ଭାବରେ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛି ଏବଂ ଜନମାନସରେ କଂଗ୍ରେସ ଦଳ ପ୍ରତି ଏକ ନୈରାଶ୍ୟ ମନୋଭାବ ଏହି ନେତୃବର୍ଗଙ୍କ ଦ୍ୱାରା ସୃଷ୍ଟି ହେଉଛି ବୋଲି ଆଜି ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ହାତ ସେ ହାତ ଯୋଡ଼ ଅଭିଯାନରେ ଯୋଗଦେଇ କହିଛନ୍ତି। ଚେଲ୍ଲା କୁମାର କହିଲେ ଯେ ଆଜି ଯେଉଁମାନେ ଦଳ ଠାରୁ ନିଜକୁ ଡେଙ୍ଗା ଭାବୁଛନ୍ତି ୪୦ ବର୍ଷ ପୂର୍ବରୁ ସେମାନଙ୍କର ସ୍ଥିତି ଓ ସାମାଜିକ ପରିଚୟ କ'ଣ ଥିଲା ତାହା ସେମାନେ ଆତ୍ମ ସମୀକ୍ଷା କରିବା ଦରକାର। ଏବେ ସମୟ ଆସିଛି କଂଗ୍ରେସ ଦଳକୁ ଓଡ଼ିଶାରେ ମଜବୁତ କରାଯିବ ଏବଂ ଓଡ଼ିଶାର ଜନସାଧାରଣଙ୍କୁ ଦୀର୍ଘ ୨୨ ବର୍ଷର ଅତ୍ୟାଚାର ଓ କୁଶାସନ ଏବଂ କେନ୍ଦ୍ରର ଏକ ୯ ବର୍ଷର ଜନବିରୋଧି ସରକାରଙ୍କୁ ବରଖାସ୍ତ କରିବାପାଇଁ ସମସ୍ତ ରଣକୌଶଳ ଓ ପ୍ରଚେଷ୍ଟା କରାଯିବ। ଯେଉଁମାନେ ଶୃଙ୍ଖଳା ଭଙ୍ଗ କରୁଛନ୍ତି ଏବଂ ଏହି କାର୍ଯ୍ୟ ବାରମ୍ବାର କରିଚାଲିଛନ୍ତି ସେମାନଙ୍କର ଆଉ ନିସ୍ତାର ନାହିଁ। ଓଡ଼ିଶାର ଲକ୍ଷ ଲକ୍ଷ କଂଗ୍ରେସ କର୍ମୀ ଜିଲ୍ଲା ଏବଂ ବ୍ଲକସ୍ତରର ନେତୃବର୍ଗ ଏପରିକି ରାଜ୍ୟସ୍ତରୀୟ ନେତୃବର୍ଗଙ୍କର ଆଶା, ଆକାଂକ୍ଷା, ବିଶ୍ୱାସ ଓ ଭରଷାକୁ ଧୂଳିସାତ କରିବାକୁ ଦିଆଯିବ ନାହିଁ। ଆସନ୍ତା ଜାନଆରୀ ୨୬ ତାରିଖ ପାଖରୁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ବୁଥ, ଗାଁ, ପଂଚାୟତ, ବ୍ଲକ ଓ ଜିଲ୍ଲାସ୍ତରରେ ହାତକୁ ହାତ ଯୋଡ଼ କାର୍ଯ୍ୟକ୍ରମ ଜାରି ରଖାଯିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ଗାଁର କଂଗ୍ରେସ କର୍ମୀ, ଜନସାଧାରଣ, ବୁଦ୍ଧିଜୀବି, କୃଷକ, ଆଦିବାସୀ, ଅନୁସୂଚିତ ଜନଜାତି ଏବଂ ବିଶେଷ କରି ମହିଳାମାନଙ୍କ ସହିତ ସିଧାସଳଖ ଯୋଡ଼ି ହେବ କଂଗ୍ରେସ। କଂଗ୍ରେସ ପତାକା ପ୍ରତ୍ୟେକ ଗାଁର ଉତୋଳନ କରାଯିବ। ଓଡ଼ିଶାର ୨୨ ବର୍ଷର ବିଜେଡ଼ି ସରକାର ଏବଂ ୯ ବର୍ଷର କେନ୍ଦ୍ରର ବିଜେପି ସରକାରର ସମସ୍ତ ବିଫଳତା, ଜନମାରଣନୀତି, ପ୍ରତାରଣାକୁ ଲୋକମାନଙ୍କ ପାଖରେ ରଖାଯିବ।




ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଏହି ସଭାରେ ନେତୃବର୍ଗଙ୍କୁ ସମ୍ବୋଧିତ କରି କହିଲେ ଯେ ଓଡ଼ିଶାରେ ଯୁବକ ଯୁବତୀ ନିମ୍ନ ଆୟକାରୀ ବର୍ଗ, ଆଦିବାସୀ, ଅନୁସୂଚିତ ଜାତି, କୃଷକ, ମଧ୍ୟଆୟକାରୀ ବର୍ଗ ଆଜି ସମସ୍ତେ ଅତ୍ୟନ୍ତ ଦୁଃଖଦ ପରିସ୍ଥିତ ଦେଇ ଗତି କରୁଛନ୍ତି। ଶୃଙ୍ଖଳା ବିନା ପ୍ରଗତି ସମ୍ଭବ ନୁହେଁ। ସଫଳତା କାହା ପାଖକୁ ଆସେ ନାହିଁ। ସଫଳତାକୁ ପାଇବାପାଇଁ ବହୁ କିଛି ତ୍ୟାଗ କରିବାକୁ ପଡ଼େ। ଯେଉଁମାନେ କଂଗ୍ରେସ ଡିଲ କରିଥିବା କଥା କହୁଛନ୍ତି ମୁଁ ଆଉଥରେ କହୁଛି କଂଗ୍ରେସ ଦଳର କୌଣସି ନେତୃବର୍ଗ କାହାରି ସହିତ ଡିଲ କରିନାହାନ୍ତି ବା କରନ୍ତି ନାହିଁ। କଂଗ୍ରେସର ଜିନ ସହିତ ସେମାନେ ପରିଚିତ ନୁହନ୍ତି ବୋଧେ। ଓଡ଼ିଶାରେ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଆମକୁ ଲୋକଙ୍କ ପାଇଁ ପ୍ରତ୍ୟେକ ସ୍ତରରେ ସ୍ୱରଉତୋଳନ କରିବାର ଅଛି। ଆମେ ନିଜକୁ ଯେପର୍ଯ୍ୟନ୍ତ ଜନତା ଜନାଦନଙ୍କର ପ୍ରକୃତ ହିତୈଷି ଏବଂ ସେବକରୂପେ ପ୍ରତିପାଦନ କରିପାରୁ ନାହୁଁ ସେ ପର୍ଯ୍ୟନ୍ତ ଆମକୁ ଅଧିକରୁ ଅଧିକ ଶୃଙ୍ଖଳିତ ହୋଇ ପରିଶ୍ରମ କରିବାକୁ ପଡ଼ିବ। ଆଜି ହାତସେ ହାତ ଯୋଡ଼ କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲା ସଭାପତିମାନେ ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ସଂପାଦନ କରିବାପାଇଁ ତାଙ୍କର ମତାମତ ଦେଇଥିଲେ। ମହିଳା, ଯୁବ, ଛାତ୍ର ଓ ବିଭିନ୍ନ ପ୍ରକୋଷ୍ଠର ନେତୃବର୍ଗ ମାନେ ମଧ୍ୟ ତାଙ୍କର ମତାମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଶରତ ରାଉତ, ସୁରେଶ କୁମାର ରାଉତରାୟ, ରମେଶ ଜେନା, ସନ୍ତୋଷ ସିଂ ସାଲୁଜା, ରାଜନ ଏକା, ଅଧିରାଜ ମୋହନ ପାଣିଗ୍ରାହୀ, ବନ୍ଦିତା ପରିଡ଼ା, ୟାସିର ନୱାଜ, ଭୁଜବଳ ମାଝୀ ଏବଂ ଜିଲ୍ଲା କଂଗ୍ରେସ ସଭାପତି ସଭାପତି ଏବଂ ବରିଷ୍ଠ କଂଗ୍ରେସ ନେତୃବର୍ଗ ଉପସ୍ଥିତ ଥିଲେ।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

# ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଡିସେମ୍ବର ୧୯

# ସ୍ତୁତିଗାନ ଓ ମାନପତ୍ର ପ୍ରଦାନ



ଅନେକ ବ୍ୟକ୍ତି ନିଜର ସ୍ତୁତିଗାନରେ ବହୁତ ଆନନ୍ଦିତ ହୁଅନ୍ତି ଓ ସ୍ତୁତିଗାନ କରୁଥିବା ବ୍ୟକ୍ତିକୁ ଉପହାର ଓ ଉପଢୌକନ ଦେଇ ସନ୍ତୁଷ୍ଟ କରିଥା'ନ୍ତି । କିଛି ଲୋକ ସ୍ତୁତିଗାନକୁ ପସନ୍ଦ କରନ୍ତି ନାହିଁ; ବରଂ ସମାଲୋଚନା ମାଧ୍ୟମରେ ନିଜର ଭୁଲକୁ ସୁଧାରିବାକୁ ଚାହିଁଥାଆନ୍ତି । ଆମ ଦେଶରେ ରାଜାରାଜୁଡ଼ା ଶାସନ ସମୟରେ ରାଜାମାନଙ୍କର ସ୍ତୁତିଗାନ କରିବା ପାଇଁ ରାଜଦରବାରରେ ଭାଟମାନଙ୍କୁ ନିଯୁକ୍ତି ଦିଆଯାଉଥିଲା । ସେମାନେ ରାଜା ମହାରାଜାମାନଙ୍କ ପ୍ରଶଂସା ଗାନ କରୁଥିଲେ ଓ ସେମାନଙ୍କଠାରୁ କିଛି ଉପହାର ନେଇ ନିଜର ସଂସାର ଚଳାଉଥିଲେ । କିଛି ସାହିତ୍ୟିକ କବି ରାଜା ମହାରାଜାମାନଙ୍କୁ ଖୁସି କରିବା ପାଇଁ ସେମାନଙ୍କ ଉଦ୍ଦେଶ୍ୟରେ କାବ୍ୟ କବିତା ରଚନା କରି ରାଜଦରବାରରେ ଭଣିତା କରୁଥିଲେ ଓ ରାଜାଙ୍କଠାରୁ ଉପହାର ଓ ଉପଢୌକନମାନ ନେଉଥିଲେ । ଜଣେ ବ୍ୟକ୍ତିର ସମ୍ମୁଖରେ ପ୍ରଶଂସା କରୁଥିବା ବ୍ୟକ୍ତି ବାସ୍ତବରେ ଜଣେ ପ୍ରଶଂସକ ନୁହେଁ; ସେ ଜଣେ ନିନ୍ଦୁକ । ଯେଉଁ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିର ଅନୁପସ୍ଥିତିରେ ତାକୁ ପ୍ରଶଂସା କରିଥାଏ, ସେ ହିଁ ପ୍ରକୃତ ପ୍ରଶଂସକ । କବି ଦୀନକୃଷ୍ଣ ଦାସ ରସକଲ୍ଲୋଳ କାବ୍ୟରେ ଅଯୋଗ୍ୟ ବ୍ୟକ୍ତିମାନଙ୍କ ସ୍ତୁତିଗାନକୁ ସମାଲୋଚନା କରିଛନ୍ତି । ସେ ଲେଖିଛନ୍ତି "କବି ଯା' କରେ ମୂର୍ଖକୁ ସ୍ତୁତି, ଏଥିରୁ ବଳି ନାହିଁ ବିପତ୍ତି ।" ବୋଧହୁଏ ରାଜା ମହାରାଜାମାନଙ୍କ ସ୍ତୁତିଗାନ କରୁଥିବା ସାହିତ୍ୟିକ ଓ କବିମାନଙ୍କ ପ୍ରତି ଦୀନକୃଷ୍ଣ ବିମୁଖ ଥିଲେ । ସେ ଏ କଥାକୁ ବିରୋଧ କରୁଥିଲେ । ପ୍ରକୃତ ପ୍ରତିଭାବାନ ବ୍ୟକ୍ତିଙ୍କ ସ୍ତୁତିଗାନ କଲେ କିଛି ଅସୁବିଧା ନାହିଁ, ହେଲେ ପ୍ରତିଭାବାନ ବ୍ୟକ୍ତି ସ୍ତୁତିଗାନକୁ ପସନ୍ଦ କରନ୍ତି ନାହିଁ । ଅଯୋଗ୍ୟ ବ୍ୟକ୍ତିଙ୍କ ପାଇଁ ସ୍ତୁତି ଶବ୍ଦଟି ଏକ ସକାରାତ୍ମକ ଦୃଷ୍ଟିରୁ ବିଚାର କରାଯାଇ ନ ପାରେ । ଯେଉଁମାନେ ରାଜା ମହାରାଜାମାନଙ୍କୁ ତୋଷାମଦ କରୁଥିଲେ ଓ ସେମାନଙ୍କ ପ୍ରଶଂସାରେ ନିଜକୁ ହଜେଇ ଦେଉଥିଲେ, ସେମାନଙ୍କୁ ରାଜାମାନେ ଉପହାର ଉପଢୌକନ ସହିତ ବିଭିନ୍ନ ଉପାଧିରେ ଭୂଷିତ କରୁଥିଲେ । ଇଂରେଜମାନଙ୍କ ଶାସନରେ ଯେଉଁମାନେ ଭାରତୀୟମାନଙ୍କ ସହିତ ଗଦ୍ଦାରି କରି ଇଂରେଜମାନଙ୍କୁ ସାହାଯ୍ୟ କରୁଥିଲେ ବା ଗୋପନୀୟ ତଥ୍ୟ ପ୍ରଦାନ କରୁଥିଲେ, ଇଂରେଜମାନେ ସେହିମାନଙ୍କୁ ବିଭିନ୍ନ ପଦପଦବୀରେ ଭୂଷିତ କରିବା ସହିତ ସେମାନଙ୍କ ସାମାଜିକ ଓ ଆର୍ଥିକ ବିକାଶର ଦିଗ ପ୍ରତି ଗୁରୁତ୍ୱ ଦେଉଥିଲେ । ଚରଣ ପଟ୍ଟନାୟକ ଭଳି ବ୍ୟକ୍ତିତ୍ୱ ଆମ ଇତିହାସ ପୃଷ୍ଠାମଣ୍ଡନ କରିଛନ୍ତି । ଇଂରେଜମାନେ କବି ରାଧାନାଥ ରାୟଙ୍କ ଉଲ୍ଲେଖନୀୟ ସୃଷ୍ଟି ପାଇଁ ତାଙ୍କୁ ରାୟ ବାହାଦୁର ଉପାଧିରେ ବିଭୂଷିତ କରିଥିଲେ । ଏହି ଉପାଧି ପ୍ରଦାନ ଉତ୍ସବ କଟକ ବାରବାଟି ଦୁର୍ଗରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା । କବି ନିଜ ଦରବାର କାବ୍ୟରେ ଉପାଧି ପ୍ରଦାନ କାର୍ଯ୍ୟକୁ ବ୍ୟଙ୍ଗାତ୍ମକ ଶୈଳୀରେ ବର୍ଣ୍ଣନା କରିଛନ୍ତି । ଇଂରେଜମାନଙ୍କ ଉପାଧି ପ୍ରଦାନ କାର୍ଯ୍ୟକ୍ରମକୁ କବି ଏକ ସକାରାତ୍ମକ ଦୃଷ୍ଟିକୋଣରୁ ବିଚାର କରିନାହାନ୍ତି । ଉପାଧି ପାଇବା ପରେ କବି ଆତ୍ମସନ୍ତୋଷ ପାଇବା ପରିବର୍ତ୍ତେ ତାଙ୍କର ଆତ୍ମଗ୍ଲାନି ଦେଖାଦେଇଥିଲା । ଇଂରେଜମାନେ ଭାରତରୁ ବିଦାୟ ନେବାପରେ ଆଉ ଉପାଧି ପ୍ରଦାନ କାର୍ଯ୍ୟକ୍ରମ ହେଉନାହିଁ । ଏବେ ସମ୍ବର୍ଦ୍ଧନା ସଭା ଓ ମାନପତ୍ର ପ୍ରଦାନ କାର୍ଯ୍ୟକ୍ରମ ପୁରା ଦମ୍‌ରେ ଚାଲିଛି । ସରକାରୀ ଓ ବେସରକାରୀ ଅନୁଷ୍ଠାନ ସବୁଠି ଏହି କାର୍ଯ୍ୟକ୍ରମ । ବ୍ୟକ୍ତିର ପ୍ରତିଭା ଉଲ୍ଲେଖନୀୟ କାର୍ଯ୍ୟକଳାପ ଆଜି ମାନପତ୍ର ପ୍ରଦାନର ମାପକାଠି ନୁହେଁ । ଅନୁଷ୍ଠାନକୁ ଅର୍ଥ ଦାନ ଓ ସହଯୋଗ ହିଁ ମାନପତ୍ର ପ୍ରଦାନର ମାପକାଠି କହିଲେ ଭୁଲ ହେବନାହିଁ। କିଛି ବ୍ୟକ୍ତି ଏଭଳି ଅଛନ୍ତି, ଯେଉଁମାନେ ନିଜେ ହାତରୁ ପଇସା ଖର୍ଚ୍ଚ କରି ମାନପତ୍ର ପ୍ରସ୍ତୁତ କରି ଅନୁଷ୍ଠାନକୁ ହସ୍ତାନ୍ତରିତ କରିଥା'ନ୍ତି ଓ ସେହି ମାନପତ୍ର ଅତିଥିମାନଙ୍କ ହାତରୁ ଗ୍ରହଣ କରିଥା'ନ୍ତି । ସେହି ବ୍ୟକ୍ତିମାନଙ୍କ ସଂଖ୍ୟା ସମାଜରେ କମ୍ ନାହିଁ। ସେମାନେ ନିଜ ନିଜର ବାହାଦୂରୀ ଓ ପ୍ରଶଂସା ଅନ୍ୟ ନିକଟରେ ଗାନ କରିଥା'ନ୍ତି । ଏବେ ସମାଜରେ ମାନପତ୍ର ଦାନପତ୍ରରେ ରୂପାନ୍ତରିତ ହୋଇଛି । ଅନୁଷ୍ଠାନକୁ ଯିଏ ଯେତେ ଦାନ ଦେଲା ବା ସହଯୋଗ କଲା ଅନୁଷ୍ଠାନର କର୍ମକର୍ତ୍ତା ସେ ବ୍ୟକ୍ତିର ସ୍ତୁତି କରିବା ସହିତ ମାନପତ୍ର ପ୍ରଦାନ କରିଥା'ନ୍ତି। ମାନପତ୍ରର ମାନ ଦିନକୁ ଦିନ ହ୍ରାସ ପାଉଛି । କହିବାର କଥା, ଯେଉଁମାନେ ପ୍ରତିଭାସମ୍ପନ୍ନ ବ୍ୟକ୍ତି ବା ଯାହାର ସମାଜକୁ କିଛି ଅବଦାନ ଅଛି, ସେହିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ମାନପତ୍ର ପ୍ରଦାନ କଲେ ମାନପତ୍ରର ଗୌରବ ବଢ଼ିବ । ଅଯଥାରେ କିଛି ଅପାରଗ ପଇସା ଥିବା ଲୋକଙ୍କୁ ସମ୍ବର୍ଦ୍ଧିତ କରି ମାନପ୍ରତ୍ର ପ୍ରଦାନ କରିବା ଏକ ସୁସ୍ଥ ପରମ୍ପରାର ପରିଚୟ ନୁହେଁ । ପ୍ରତିଭା ବଣର ମାଳତୀ ଭଳି ଫୁଟି ବାସିବ । ଯାହା ପାଖରେ ପ୍ରତିଭା ଥିବ, ସେ ତା'ର ଘରେ ପ୍ରତିଭା ପ୍ରମାଣପତ୍ର ଟାଙ୍ଗିବା କିଛି ଆବଶ୍ୟକ ନାହିଁ । ସମ୍ମାନ ତା' ପଛେ ପଛେ ଗୋଡେଇବ । ଗତ କିଛିଦିନ ତଳେ ଗୋଟିଏ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷାଙ୍କ ନିମନ୍ତ୍ରଣକ୍ରମେ ମୁଁ ଏକ ପତ୍ରିକା ଉନ୍ମୋଚନ ଉତ୍ସବରେ ଯୋଗ ଦେଇଥିଲି । ସେମାନେ ମୋତେ ସମ୍ବର୍ଦ୍ଧିତ ପାଇଁ ମଧ୍ୟ ଏକ ସମ୍ବର୍ଦ୍ଧନା ପତ୍ର ପ୍ରସ୍ତୁତ କରିଥିଲେ । ଏ କଥାଟି ଜାଣିବା ପରେ ମୁଁ ସେମାନଙ୍କୁ ମୋର ସ୍ପଷ୍ଟ ଭାବନାକୁ ଜଣାଇଥିଲି ଓ ମୁଁ ସେଭଳି ଏକ ପ୍ରତିଭା ନୁହେଁ ଯାହାକୁ କି ସମ୍ବର୍ଦ୍ଧିତ କରାଯିବ । ମୋ' ବାରଣ ସତ୍ତ୍ୱେ ସେମାନେ ମୋତେ ମଞ୍ଚକୁ ଡାକି ମାନପତ୍ର ପ୍ରଦାନ କରିଥିଲେ । କେବଳ ମୋତେ ନୁହେଁ; ଅନେକ ବ୍ୟକ୍ତିବିଶେଷଙ୍କୁ ସେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ଦେଖାଯାଇଥିଲା । ବୋଧହୁଏ ଏହା ଏକ ସମ୍ବର୍ଦ୍ଧନା ସଭା ଥିଲା । ସାଧାରଣତଃ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଏ, ହେଲେ ସେଠାରେ ତା'ର ବ୍ୟତିକ୍ରମ ଦେଖିବାକୁ ମିଳିଲା । ଅନେକଗୁଡ଼ିଏ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଗଲା । ଭାବିଲି ଅନୁଷ୍ଠାନକୁ ଚାନ୍ଦା ଦେବା ଲୋକ କିମ୍ବା ସହଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଉଥିଲା । ସେମାନଙ୍କ ଭିତରେ ବିଶେଷ ପ୍ରତିଭା ଥିବା ମୁଁ ଦେଖିପାରିଲି ନାହିଁ । ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ମୁଁ ଦାୟୀ କରୁନାହିଁ । ମୁଁ ସେମାନଙ୍କୁ ଦାୟୀ କରୁଛି, ଯେଉଁମାନେ କିଛି ସାହାଯ୍ୟ ବିନିମୟରେ ସମ୍ବର୍ଦ୍ଧିତ ହେବାକୁ ଇଚ୍ଛା ପୋଷଣ କରିଥା'ନ୍ତି ଓ ଅତି ଆଗ୍ରହର ସହିତ ମାନପତ୍ରଟିକୁ ଗ୍ରହଣ କରି ନିଜକୁ ଜଣେ ଯୋଗ୍ୟ ଓ ପ୍ରତିଭାବାନ ବ୍ୟକ୍ତି ଭାବରେ ପରିଚୟ ଦେଇଥା'ନ୍ତି ।

—ପ୍ରଦୀପ୍ତ କୁମାର ଜେନା, ଅବସରପ୍ରାପ୍ତ ପୋଲିସ୍ ଅଫିସର୍, ମୋ: ୮୨୪୯୨୮୧୫୬୭

## ଆଜିର ଅନୁଚିନ୍ତା

ସବୁ ଥାଇ ମଧ ଯଦି ଅଭାବବୋଧ ରହେ, ତେବେ ତାହା ଥାଇ ନ ଥିଲା ଭଳି ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ସମ୍ବିଧାନ ବନାମ୍ ଗଣତନ୍ତ୍ର !

ମାୟାଧର ନାୟକ



*ଏ ଦେଶର କିଏ କଲା ଏଭଳି ଦଶା ? ଏ ଦେଶକୁ କିଏ କଲା ଏଭଳି ଦୁର୍ଭାଗା ? ରକ୍ତବିନ୍ଦୁର ବିନିମୟରେ ଆମେ ହାସଲ କରିଥିଲୁ ଯେଉଁ ହକ୍, ସ୍ୱାଧୀନତା, ତା'ର ପରିଣତି କ'ଣ ଏଇ ? ଦୁଇଶ' ବର୍ଷ ବିଦେଶୀ ପାଖରେ ଗୋଲାମୀ କଲୁ, ୭୭ ବର୍ଷ ଦେଶୀ ଶୋଷକ-ଶାସକ ପାଖରେ ବନ୍ଧା ପକାଇଲୁ ଆପଣାର, ଭାଗ୍ୟ ଭବିତବ୍ୟ । ଦୁଇଶ' ବର୍ଷର ଦାସତ୍ୱକୁ କିନ୍ତୁ ବଳିଗଲା ଏଇ ୭୭ ବର୍ଷର ପ୍ରତାରଣା । ନକଲି ନେତୃତ୍ୱ ଏବଂ ଶଠ ଶେଠମାନଙ୍କର ଚତୁର ଚକ୍ରବ୍ୟୂହ ମଧ୍ୟରେ ବଂଚିବାର ବାଟ ଭୁଲିଗଲା ଭାରତର ଜନତା । ହାଣ ମୁହଁକୁ ମୁହାଇଁ ଚାଲିଥିବା ଆମର ଏ ଯୁଗ ଯୁଗର ଐତିହ୍ୟମୟ ଦେଶ ଓ ସମାଜ ଜୀବନକୁ କ'ଣ ଧ୍ୱଂସ ହେବାପାଇଁ ଆମେ ଛାଡିଦେବା ? ଗୋଟାଏ କୁରୁକ୍ଷେତ୍ରରେ ଦିନେ ନିଶ୍ଚିହ୍ନ ହୋଇଯାଇଥିଲା ମହାଭାରତ ! ଆଜି ଆମ ସାମ୍ନାରେ ଶହ ଶହ କୁରୁକ୍ଷେତ୍ର...ଆମର ଏ ମହାନ୍ ଭାରତକୁ କ'ଣ ଆମେ ଆଜି ବଳି ପକାଇଦେବା ତା' ଭିତରେ ?*

ଆମ ସମ୍ବିଧାନରେ ଲେଖାଅଛି – ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର । ଆମ ରାଜନେତାମାନେ କେହି ସମ୍ବିଧାନକୁ ମାନୁନାହାଁନ୍ତି – ସେମାନେ ଜାତି ନାଁରେ ଧର୍ମ ନାଁରେ ବର୍ଣ୍ଣ, ଆଂଚଳିକତା ନାଁରେ ରାଜନୀତି କରୁଛନ୍ତି । ଆମ ସମ୍ବିଧାନ ଯେତେ ଚାଲିଛି ମୋଟା ହୋଇ – ଗଣତନ୍ତ୍ର ସେତେ ଗଡୁଛି ଛୋଟା ହୋଇ ।

ସ୍ୱାଧୀନତା ସଂଗ୍ରାମ ସମୟରେ ଯେଉଁମାନେ ଏକ ସୁନ୍ଦର ସମୃଦ୍ଧ ଭାରତବର୍ଷର ସ୍ୱର୍ଣ୍ଣାଭ ସ୍ୱପ୍ନ ଦେଖିଥିଲେ, ଏକ ଅନନ୍ୟ ଭବିଷ୍ୟତର ରଙ୍ଗୀନ ଆଲେଖ୍ୟ ଆଙ୍କିଥିଲେ, କଳ୍ପନା କରିଥିଲେ, ଏକ ମୁକ୍ତ ମହାନ ରାଷ୍ଟ୍ରଭୂମିର – ସେମାନଙ୍କର ସେ ଆଶା ମିଳେଇ ଯାଇଛି ପାଣି ଫୋଟକା ପରି । ଭାଙ୍ଗିଯାଇଛି ଭରସାର ବତୀଘର ସବୁ । ଆଜି ଦୁର୍ନୀତିର ଦଂଶନରେ ଭାରତବର୍ଷ ଜର୍ଜରିତ – ଜାଲିଆତିର ଜାଲରେ ଜନଗଣ ଛଟପଟ – ସମ୍ପୂର୍ଣ୍ଣ ଅଣଃନିଶ୍ୱାସୀ ।

କିନ୍ତୁ... ଭାରତବର୍ଷ ନୁହେଁ, ଗୋଟାଏ ବିକଳ ଭଗ୍ନସ୍ତୂପ - ଏ ଦେଶ ! ପାଣି ପବନରେ ବିଷ । ପରିବେଶରେ ପାଉଁଶ । ସବୁଠି ଅଙ୍ଗାର । ସବୁଠି ଅନ୍ଧାର । ଅତୀତକୁ ନେଇ ଅନ୍ତଃହୀନ ଆସ୍ଫାଳନ, ଅଥଚ ଏ ଦେଶର ବର୍ତମାନଟା କି ବିକୃତ, କି ବିଭତ୍ସ କି ବିକଳାଙ୍ଗ ! ବିଶାଳ ବିରୋଧାଭାସଟାଏ ଏ ଦେଶ... ଯାହାକୁ ଆମେ ଭାରତବର୍ଷ କହିଲେ ଉପହାସ କରିବ ଇତିହାସ – ଲଜ୍ଜା ଆଉ ସଂକୋଚରେ ମୁହଁ ଘୋଡେଇବେ ଆମ ପୂର୍ବପୁରୁଷ ।

ଆଜିର ନାୟକହୀନ ରାଜନୀତି ଉତ୍କଟ ଉପଦଂଶ ପରି ଆକ୍ରାନ୍ତ କରିସାରିଛି ଆମର ଏ ଦୁର୍ଭାଗା ଦେଶକୁ । ନେତୃତ୍ୱର ସଂକଟ ସହିତ ମୂଲ୍ୟବୋଧର ମୃତ୍ୟୁ ଆଜି ଭାରତୀୟ ରାଜନୀତିକୁ ପରିଣତ କରିଛି କେବଳ– କଂସେଇମାନଙ୍କ କାରଖାନାରେ । ସେଥିପାଇଁ ବର୍ତମାନର ରାଜନୀତି କ୍ଷେତ୍ରରେ ଶୋଷକବର୍ଗ ହିଁ ସାଜିଛନ୍ତି ଶାସକଶ୍ରେଣୀ ! ଦୁର୍ବୃତମାନେ ହିଁ ପାଲଟିଛନ୍ତି ଦ୍ୱାରପାଳ ! ମାଫିଆ ହୋଇଛି ମୁଖିଆ । ଗୁଣ୍ଡା ବନିଛି ପଣ୍ଡା – ମେଣ୍ଢା ପାଲିଟିଛି ଭେଣ୍ଡା – ଜିରୋ ହୋଇଛି ହିରୋ ।

ଘାତକମାନଙ୍କ ଆଖିରେ ଲୋତକ ଦେଖି ଭୂଆଁ ବୁଲୁଚି ଭାରତୀୟ ଜନତା ସ୍ୱର୍ଣ୍ଣ କଙ୍କଣଧାରୀ ବୃଦ୍ଧ ବ୍ୟାଘ୍ରର ବିଜ୍ଞପ୍ତି ବୈରାଗ୍ୟରେ ପ୍ରତାରିତ ହେଉଛି ଆଜିର ପ୍ରଲୁବ୍ଧ ଯୁବପିଢି । ଚଂଚକ ରାଜନୈତିକ ଚରିତ୍ର ଚଲୁ କରିବାକୁ ବସିଛି ତମାମ ଦେଶକୁ । ରାଜନୈତିକ ଦୁର୍ନୀତି ଓ ଭ୍ରଷ୍ଟାଚାର ସହିତ ଅର୍ଥନୈତିକ ଶୋଷଣର ଗଢିଉଠିଛି ଗୋଟାଏ ଗୋପନ ସମ୍ପର୍କ । ଭିନ୍ନ ଭିନ୍ନ ନାମ ଓ ଦଳର ଗୋଟାଏ ଦୋକାନଦାରୀ ପାଲଟି ଯାଇଛି ସାମ୍ପ୍ରତିକ ଭ୍ରଷ୍ଟ ରାଜନୀତି । ଏକ ନାଉର ମଞ୍ଜି ସବୁ ନିଜ ନିଜ ପାଇଁ ଦଖଲ କରି ନେଇଛନ୍ତି ଭିନ୍ନ ଭିନ୍ନ କିଆରି ! ଜନସ୍ୱାର୍ଥ ନୁହେଁ ଆତ୍ମସ୍ୱାର୍ଥ ଓ ନ୍ୟସ୍ତସ୍ୱାର୍ଥ ହୋଇଉଠିଛି ସେମାନଙ୍କର ଏକମାତ୍ର ଆଭିମୁଖ୍ୟ । ସେଥିପାଇଁ ଆଜି ନେତାମୁଣ୍ଡରେ ଟୋପି, ଜନତାମଥାରେ ଥୋପି । ନେତାର ଚାଲିଛି – ବିଧାନସଭା, ରାଜ୍ୟସଭା, ଲୋକସଭା – ଜନତାର କେବଳ ଶୋକସଭା । ମୁଖପାତ୍ର ସାଜିଥିବା ମହାପାତ୍ରମାନେ ଦିନ ଦ୍ୱିପହରରେ ସବୁକିଛି ଲୁଟି ଚୁରିମାରି ନେଉଥିବା ବେଳେ ଶୂନ୍ୟ ଦୃଷ୍ଟିରେ ଆଁ କରି ଅନେଇଛି ଜଳକା ଜନତା ।

ଆଜି ମନ୍ଦିର-ମସଜିଦ୍‌କୁ ନେଇ ଝଗଡା ! ଧର୍ମ-ବିଧର୍ମକୁ ନେଇ ବିବାଦ । ସୀମା-ସନ୍ତ୍ରାସକୁ ନେଇ ତୁମ୍ଭି ତୋଫାନ୍ । ରାଷ୍ଟ୍ର, ଧର୍ମ, ପତାକା, ଜାତୀୟତା ଇତ୍ୟାଦିକୁ ଆଳ କରି ସାରା ପୃଥିବୀରେ ସମ୍ପ୍ରତି ପୁଞ୍ଜିବାଦ ତା'ର ଚକ୍ରାନ୍ତରେ ଚମତ୍କାରିତା ପ୍ରଦର୍ଶନ କରିଚାଲିଛି । ମାଟିଠୁ ମଣିଷକୁ ଅଲଗା କରି ଦିଆଯାଉଛି । ଲକ୍ଷ୍ୟଠୁ ଲୋଚନାକୁ ଦୂରେଇ ରଖାଯାଉଛି, ସ୍ୱପ୍ନକୁ ସଂକଳ୍ପକୁ ହଟାଇ ନିଆଯାଉଛି । ସବୁ ସ୍ତରରେ ଲେଲିହାନ୍ ଲୋଳଜିହ୍ୱା ବିସ୍ତାର କରି ଚାଲିଛି ଅତିଷ୍ଠ ଅସନ୍ତୋଷର ଅଗ୍ନିଶିଖା । ଅଥଚ ଗଦିରେ ଘୁମେଇ ଗାଦିରେ ବସିଥିବା ଆଜିର ଶାସକଶ୍ରେଣୀ, ଖଟରେ ଶୋଇ ମଠରେ ମାମଲାତି କରୁଥିବା ଯାଜକବୃନ୍ଦ, କୁର୍ସିରେ ବସି ଆର୍ସି ଆଗରେ ଚେହେରା ସଜଉଥିବା ପ୍ରଶାସକ ବର୍ଗ ସମକାଳୀନ ସମାଜର ଏ ଉତ୍କଟ ଅସୁସ୍ଥତା ପ୍ରତି ଏକାନ୍ତ ଉଦାସୀନ ।

ଆମେ ଲୁଟେରାମାନଙ୍କ ହାତମୁଠାରେ ଲଟେରୀ ଟିକେଟ୍‌ଟାଏ କରି ବଢେଇ ଦେଇଛୁ ଆମର ଏ ପ୍ରିୟ ଭାରତବର୍ଷକୁ । କଂସେଇମାନଙ୍କୁ କରିଛୁ କର୍ଣ୍ଣଧାର । ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ - କ୍ଷୁଧିତ ରାଜନୀତି ବିସ୍ତାର କରି ସାରିଛି ତାର ଭୟଙ୍କର ଫଣା । ଜଘନ୍ୟ ଜନଜହ୍ଲାଦମାନଙ୍କ ପ୍ରଚଣ୍ଡ ଫୁତ୍‌କାର ଭିତରେ ମିଳେଇ ଯାଉଛି ପ୍ରବଂଚିତ ଜନଗଣଙ୍କ ଛିନ୍ନଭିନ୍ନ ଚିତ୍କାର ! ବାପ ଯାଉଛି ଦାଦନକୁ, ମା' ଗୋଟୋଉଛି ଗୋବର, ପିଲାବିକ୍ରି ହେଉଛି ବିଚ୍ ବଜାରରେ ! ଅଥଚ ମୋଟା ସମ୍ବିଧାନର ବୋଝ ମୁଣ୍ଡେଇ ଛୋଟା ଗଣତନ୍ତ୍ର ବାଟସାରା କେବଳ ବାଂଟିଚାଲିଛି ଫମ୍ପା ପ୍ରତିଶ୍ରୁତିର ପାମ୍ପରା ପାମ୍ପଲେଟ୍ ।

ଏ ଦେଶର କିଏ କଲା ଏଭଳି ଦଶା ? ଏ ଦେଶକୁ କିଏ କଲା ଏଭଳି ଦୁର୍ଭାଗା ? ରକ୍ତବିନ୍ଦୁର ବିନିମୟରେ ଆମେ ହାସଲ କରିଥିଲୁ ଯେଉଁ ହକ୍, ସ୍ୱାଧୀନତା, ତା'ର ପରିଣତି କ'ଣ ଏଇ ? ଦୁଇଶ' ବର୍ଷ ବିଦେଶୀ ପାଖରେ ଗୋଲାମୀ କଲୁ, ୭୭ ବର୍ଷ ଦେଶୀ ଶୋଷକ-ଶାସକ ପାଖରେ ବନ୍ଧା ପକାଇଲୁ ଆପଣାର, ଭାଗ୍ୟ ଭବିତବ୍ୟ । ଦୁଇଶ' ବର୍ଷର ଦାସତ୍ୱକୁ କିନ୍ତୁ ବଳିଗଲା ଏଇ ୭୭ ବର୍ଷର ପ୍ରତାରଣା । ନକଲି ନେତୃତ୍ୱ ଏବଂ ଶଠ ଶେଠମାନଙ୍କର ଚତୁର ଚକ୍ରବ୍ୟୂହ ମଧ୍ୟରେ ବଂଚିବାର ବାଟ ଭୁଲିଗଲା ଭାରତର ଜନତା ।

ହାଣ ମୁହଁକୁ ମୁହାଇଁ ଚାଲିଥିବା ଆମର ଏ ଯୁଗ ଯୁଗର ଐତିହ୍ୟମୟ ଦେଶ ଓ ସମାଜ ଜୀବନକୁ କ'ଣ ଧ୍ୱଂସ ହେବାପାଇଁ ଆମେ ଛାଡିଦେବା ? ଗୋଟାଏ କୁରୁକ୍ଷେତ୍ରରେ ଦିନେ ନିଶ୍ଚିହ୍ନ ହୋଇଯାଇଥିଲା ମହାଭାରତ ! ଆଜି ଆମ ସାମ୍ନାରେ ଶହ ଶହ କୁରୁକ୍ଷେତ୍ର... ଆମର ଏ ମହାନ୍ ଭାରତକୁ କ'ଣ ଆମେ ଆଜି ବଳି ପକାଇଦେବା ତା' ଭିତରେ ?

ବର୍ତମାନର ଭସ୍ମୀଭୂତ ଭାରତବର୍ଷ ଓ ସଂତ୍ରସ୍ତ ସମାଜ ବ୍ୟବସ୍ଥା ପାଇଁ ପରିତ୍ରାଣର ପନ୍ଥା ଖୋଜା ଚାଲିଛି ବିଭିନ୍ନ ସ୍ତରରେ । ଭସ୍ମସ୍ତୂପ ମଧ୍ୟରୁ ଭବିଷ୍ୟତକୁ ଉଦ୍ଧାର କରିବା ଏବଂ ଭଗ୍ନସ୍ତୂପ ମଧ୍ୟରୁ ଜନଜୀବନକୁ ରକ୍ଷା କରିବା ନିମନ୍ତେ ଆଜି ଯେଉଁ ଅଙ୍ଗୀକାରବଦ୍ଧ ଆନ୍ଦୋଳନ ଓ ଗଣସଂଗ୍ରାମର ଏକାନ୍ତ ପ୍ରୟୋଜନ, ସେଥିନିମନ୍ତେ ଆମ ସମସ୍ତଙ୍କର ସମ୍ମିଳିତ ସଂକଳ୍ପ ଅପରିହାର୍ଯ୍ୟ ।

ଆଜି ସମୟ ଆସିଛି, ଆମକୁ ବାଛି ନେବାକୁ ପଡିବ ଆମର ଗତି କେଉଁ ଦିଗକୁ - ପଛକୁ ନା ଆଗକୁ । ଏବେ ଆରମ୍ଭ ହେଉ ଆଉ ଏକ ଆଜାଦୀର ଅଭିଯାନ, ଆଉ ଏକ ଅଦମ୍ୟ ସଂଗ୍ରାମର ଅତନ୍ଦ୍ର ଅଭିଯାତ୍ରା ପ୍ରବଚିଂତ ଭାରତବର୍ଷର ଚିର ଉପେକ୍ଷିତ ଭୂମି ଏହି ଦୁଃଖିନୀ ଓଡିଶା ବୁକୁରେ ହିଁ ସୁରୁହେଉ ଏହି ଗୁରୁଦାୟିତ୍ୱ ନିର୍ବାହର ଆଦ୍ୟ ଅଙ୍ଗିକାର । ଭବିଷ୍ୟତର ମହାମୁକ୍ତି ସଂଗ୍ରାମର ପ୍ରକୃତ କୁରୁକ୍ଷେତ୍ର ହେଉ ଆମର ଏ ଅବହେଳିତ ଭୂମି । ଦାରିଦ୍ର୍ୟ, ଦୁଃସ୍ଥିତି, ଦୁର୍ନୀତି, ଭ୍ରଷ୍ଟାଚାର, ଅପସଂସ୍କୃତି, ଗୁଣ୍ଡାଗର୍ଦ୍ଦୀ– ସବୁକିଛି ବିଡମ୍ବନା ବିରୋଧରେ ଯୁଦ୍ଧ ଘୋଷଣା କରୁ ଓଡିଶାର ତପ୍ତ ତାରୁଣ୍ୟ ! ବାର୍ଦ୍ଧକ୍ୟ ବୈରାଗ୍ୟ ଓ ବ୍ୟାଧିମୁକ୍ତ ଭାରତବର୍ଷ ପାଇଁ ଏଇଠୁ ହିଁ ଆରମ୍ଭ ହେଉ ତରୁଣ ଓଡିଶାର ଉତ୍ସର୍ଗୀକୃତ ଅଗ୍ନିତପସ୍ୟା । ଆମକୁ ଆଜି ଶିରସ୍ତ୍ରାଣ ପିନ୍ଧି ହାତରେ ଧରିବାକୁ ପଡିବ ଗଣସଂଗ୍ରାମର ଅମୋଘ ଅସ୍ତ୍ର । ସତ୍ ମନର ସ୍ୱପ୍ନ ଯଦି ସଂକଳ୍ପରେ ପରିଣତ ହୁଏ, ତେବେ ନିଶ୍ଚିତ ଭାବରେ ସାର୍ଥକ ହେବ ଆମର ଆଗାମୀ ସମାଜର ସର୍ଜନା ଓ ସଂରଚନା ।

*-ଯାଜପୁର ରୋଡ, ଯାଜପୁର
ମୋ: ୯୮୬୧୦୩୪୧୬୩*

# ଆଧ୍ୟାତ୍ମିକ ସମାଜ ସେବା ପାଇଁ ବଡ଼ ଆହ୍ୱାନ

ତ୍ରିନାଥ ଓଝା



ଆଜିକା ସମୟରେ ଆମେ ସମାଜ ସେବା କରୁଛେ, ଘର ସଂସାର ଦେଖୁଛେ, ଆଖପାଖ ଦୁନିଆ ସହିତ ପୃଥିବୀକୁ ଦେଖୁଛେ କିନ୍ତୁ ଆମ ପାଇଁ ଅନେକ ଲୋକଙ୍କ ଅନେକ ପ୍ରଶ୍ନ, ଅନେକ ଆହ୍ୱାନ, ଅନେକ ସନ୍ଦେହ, ଅନେକ ଆବେଗ ହିଁ ବଡ଼ ପ୍ରଶ୍ନ। ତାହାହେଲେ କ'ଣ ଆମେ ଏ ଦୁନିଆରେ ସମାଜ ସେବା କରିପାରିବା ? ସମଗ୍ର ଜଗତ ପ୍ରେମରେ ଭରପୁର। ଏହା ଭଗବାନ ବିଷ୍ଣୁଙ୍କ ସ୍ୱରୂପ। ଜଗତରେ ଏପରି କୌଣସି ସ୍ଥାନ ବା କିଛି ନାହିଁ ଯେଉଁଠାରେ ସେ ନାହାଁନ୍ତି। ବିଶ୍ୱ ବ୍ରହ୍ମାଣ୍ଡ ତାଙ୍କର ଅଭିବ୍ୟକ୍ତ ବୋଲି ଉପଲବ୍ଧି କରିବା ହିଁ ପ୍ରକୃତ ଭକ୍ତି। ଏହି ସିଦ୍ଧାନ୍ତର ପରମ ପ୍ରବକ୍ତା ନାରଦ ମୁନି କହିଛନ୍ତି 'ତ୍ୟାଗୋ ଭବପତି, ତୃପ୍ତୋ ଭବତି, ଆତ୍ମାରାମୋ ଭବତି।' 'ଈଶ୍ୱର ପ୍ରେମୀ ନିଜର ସବୁକିଛି ତ୍ୟାଗ କରେ, ପରମ ତୃପ୍ତି ଲାଭ କରେ, ଆତ୍ମାନନ୍ଦରେ ନିମଜ୍ଜିତ ରହିଥାଏ ହେ ପ୍ରଭୁ ! ମୋତେ ଏହିପରି ପ୍ରେମ ପ୍ରଦାନ କର।'

ମଣିଷ ଆଜି ପଶୁପକ୍ଷୀ, ଗଛଲତାଙ୍କ ଠାରୁ ବି କମ୍ କୃତଜ୍ଞତା ପ୍ରଦର୍ଶନ କରୁଛି। ସେ ପିତାମାତା, ଗୁରୁଜନ, ସମାଜ ଓ ଭଗବାନଙ୍କ ପ୍ରତି ମଧ୍ୟ ଅକୃତଜ୍ଞ। ସେ ନିଜକୁ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାର ପୂଜକ ବୋଲାଉଛି, କିନ୍ତୁ ସେଥିରୁ ଗୋଟିଏ ହେଲେ ଅଭ୍ୟାସ କରୁନାହିଁ। ଏପରି ହେବାର କାରଣ କ'ଣ ? ଏହାର କାରଣ ଅତ୍ୟନ୍ତ ସ୍ୱାର୍ଥପରତା, ନିଜର ଆସକ୍ତି ଓ ରୁଚି ପ୍ରତି ଆଗ୍ରହ। ନିଜ ସ୍ୱାର୍ଥପରତାକୁ ପରିହାର କଲେ ହିଁ ମଣିଷର ମନ ଈଶ୍ୱରାଭିମୁଖୀ ହୋଇପାରିବ।

ସୂର୍ଯ୍ୟ କିରଣରେ ସକାଳର କୁହୁଡ଼ି ଦୂର ହେବା ପରି ଈଶ୍ୱର ପ୍ରେମ ମଣିଷର ଅଜ୍ଞାନ ଓ ଗର୍ବକୁ ଦୂର କରେ। ହୃଦୟ ପ୍ରେମର ଆସନ। ସେହି ପ୍ରେମର ଅଭିବ୍ୟକ୍ତି ପ୍ରଥମେ ନିଜ ଘରୁ ଆରମ୍ଭ ହେବା ଦରକାର। ତା'ପରେ ଏହା ନିଜ ଗ୍ରାମ, ସହର, ରାଜ୍ୟ, ଦେଶ ଓ ପରିଶେଷରେ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହେବା ଉଚିତ। ଆମ୍ଭେମାନେ ପ୍ରେମକୁ ଈଶ୍ୱର ବୋଲି ଭାବିବା ଉଚିତ। ଈଶ୍ୱରଙ୍କ ବିଭିନ୍ନ ରୂପ, କଳ୍ପନାରୁ ଜାତ ହୋଇଛି। ଜଣେ ଆସ୍ତିକ ହେଉ ବା ନାସ୍ତିକ ହେଉ, ଭୋଗୀ ହେଉ ବା ବୈରାଗୀ ହେଉ, ଯୋଗୀ ହେଉ ବା ବସ୍ତୁବାଦୀ ହେଉ ସେ ପ୍ରେମକୁ ଆଦର କରେ। ପ୍ରେମ ହିଁ ଏକମାତ୍ର ରୂପ ଯେଉଁ ରୂପରେ ସମସ୍ତେ ଈଶ୍ୱରଙ୍କୁ ସ୍ୱୀକାର କରିପାରିବେ। ପ୍ରେମର ଅନୁଶୀଳନ ଓ ପ୍ରେମ ବଳରେ ବିଶ୍ୱପ୍ରେମକୁ ଉପଲବ୍ଧି କରିବା ହିଁ ପ୍ରେମର ମହାନ ମାର୍ଗ। ଏହା ହିଁ ଭକ୍ତି ମାର୍ଗ।

ସଦାସର୍ବଦା ବ୍ରହ୍ମଙ୍କୁ ଧ୍ୟାନ କରି ବ୍ରହ୍ମ ଉପଲବ୍ଧି କରିବା ସମସ୍ତଙ୍କ ପାଇଁ ଆନନ୍ଦଦାୟକ ମାର୍ଗ ନୁହେଁ। ସେଥିପାଇଁ ରାମାନୁଜଙ୍କ ଭଳି ଆଧ୍ୟାତ୍ମିକ ଗୁରୁମାନେ ଭକ୍ତିମାର୍ଗକୁ ପସନ୍ଦ କରୁଥିଲେ। ସେ ଈଶ୍ୱର ପ୍ରେମରୁ ଝରୁଥିବା ଆନନ୍ଦ ଉପଲବ୍ଧି କରିଥିଲେ ଓ ଭକ୍ତିମାର୍ଗକୁ ଈଶ୍ୱରୋପଲବ୍ଧିର ସହଜ ଓ ସରଳତମ ମାର୍ଗ ବୋଲି ପ୍ରଚାର କରିଥିଲେ। ଏହାକୁ ସମସ୍ତେ ଗ୍ରହଣ କରିଛନ୍ତି। ପ୍ରେମ ହିଁ ଈଶ୍ୱର। ସମଗ୍ର ବିଶ୍ୱ ଈଶ୍ୱରଙ୍କ ଦ୍ୱାରା ପରିବ୍ୟାପ୍ତ। ପ୍ରତ୍ୟେକ ବସ୍ତୁରେ ଈଶ୍ୱରଙ୍କୁ ଦେଖିବା, ପ୍ରତ୍ୟେକ ବସ୍ତୁକୁ ଈଶ୍ୱରଙ୍କ ଅଭିବ୍ୟକ୍ତି ଭାବରେ ଭଲ ପାଇବା ଏବଂ ପ୍ରତ୍ୟେକ ବସ୍ତୁକୁ ପ୍ରେମର ସହିତ ଈଶ୍ୱରଙ୍କୁ ଅର୍ପଣ କରିବା ହିଁ ପ୍ରେମ ମାର୍ଗ-ଭକ୍ତିମାର୍ଗ।

ମହର୍ଷି ନାରଦ, ପ୍ରହ୍ଲାଦ ଓ ଗୋପୀମାନେ ଭକ୍ତି ମାର୍ଗର ପରମ ଆଦର୍ଶ। ପ୍ରହ୍ଲାଦ ଅର୍ଥ ଯେ ପ୍ରକୃଷ୍ଟ ଆହ୍ଲାଦରେ ପରିପୂର୍ଣ୍ଣ। ଯେଉଁ ଆହ୍ଲାଦ ପ୍ରହ୍ଲାଦଙ୍କଠାରେ ପୂରି ରହିଥିଲା ତାହା ଥିଲା ଈଶ୍ୱରପ୍ରେମ। ସେ ପ୍ରତ୍ୟେକ ବସ୍ତୁରେ ଈଶ୍ୱରଙ୍କୁ ଦେଖୁଥିଲେ। ଯେତେବେଳେ ତାଙ୍କ ବାପା ହିରଣ୍ୟକଶିପୁ ଭଗବାନ ଗୋଟିଏ ଖୁଣ୍ଟରେ ଅଛନ୍ତି କି ବୋଲି ପଚାରିଲେ ସେତେବେଳେ ସେ 'ହଁ' କହିଥିଲେ। ହିରଣ୍ୟକଶିପୁ ଖୁଣ୍ଟକୁ ଭାଙ୍ଗି ଦେଇଥିଲେ ଏବଂ ତାହା ଭିତରୁ ପ୍ରଭୁ ନରସିଂହ ରୂପରେ ଆବିର୍ଭୁତ ହୋଇ ଦିବ୍ୟତ୍ୱର ସର୍ବବ୍ୟାପକତାରେ ପ୍ରହ୍ଲାଦଙ୍କ ବିଶ୍ୱାସକୁ ପ୍ରମାଣିତ କରିଥିଲେ। ଭଗବାନଙ୍କ ସର୍ବବ୍ୟାପକତା ଉପରେ ଦୃଢ଼ ବିଶ୍ୱାସ ନଥିଲେ ଭକ୍ତିର କିଛି ଅର୍ଥ ହୁଏନାହିଁ। ବିଶ୍ୱାସ ବଢ଼ାଇବା ଦ୍ୱାରା ଭକ୍ତି ପରିପୁଷ୍ଟ ହୁଏ। ଜୀବନର ସମସ୍ତ ଅସୁବିଧାକୁ ବିଧିର ବିଧାନ ଭାବରେ ଗ୍ରହଣ କରି ତାହାକୁ ଧୈର୍ଯ୍ୟ ଓ ସ୍ଥିରତା ସହ ସହନ କରିବାକୁ ସାମର୍ଥ୍ୟ ଦିଏ। ଈଶ୍ୱରଙ୍କ ପ୍ରତି ଏକାଗ୍ର ଭକ୍ତି ପରିଶେଷରେ ଭଗବାନଙ୍କ ସହ ମିଳନ କରାଇବା ଆଡ଼କୁ ଘେନିଯାଏ। ଆଜିର ଭକ୍ତି ସକାଳର ଯୋଗ (ପୂଜା ପ୍ରାର୍ଥନା) ରୂପେ ଆରମ୍ଭ ହୋଇ, ମଧ୍ୟାହ୍ନ ଭୋଗ ଆଡ଼କୁ ଗତି କରୁଛି ଏବଂ ରାତିରେ ରୋଗରେ ପରିଣତ ହୋଇଯାଉଛି। ଗୀତା କହେ 'ସତତଂ ଯୋଗୀନଃ'। ସଦାସର୍ବଦା ଈଶ୍ୱରଙ୍କଠାରେ ନିମଜ୍ଜିତ ହେବା ଯୋଗୀର ଲକ୍ଷଣ। ଏହାକୁ ଥରକରେ ଲାଭ କରି ହୁଏନାହିଁ; କିନ୍ତୁ ନିରନ୍ତର ଅଭ୍ୟାସ ବଳରେ ଏହା ସମ୍ଭବ।

*-ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, ଦୂରଭାଷ:୯୨୩୮୬୦୨୮୨୫*

# ରାଜନୈତିକ ଆଭିମୁଖ୍ୟ କାରଣରୁ ଚାଷୀମାନେ ନିର୍ଯାତିତ

ଗାଁଗହଳରେ ଢଗଟିଏ ଅଛି, 'ଯା'ପୁଅକୁ ସାପ କାମୁଡ଼େ, ତା' ମା' ପାଳ ଦଉଡ଼ି ଦେଖିଲେ ଡ଼ରେ'। ଭାଗଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଓଡ଼ିଶା ସରକାର ଯେଉଁ ନୂଆ ଭାଗଚାଷ ଆଇନ ପ୍ରଣୟନ କରିଛନ୍ତି, ତାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଭାଗଚାଷୀ ହିଁ ବିଲରେ ନିଜେ ପଇସା ଖର୍ଚ୍ଚ କରି ଚାଷ କରିଥାଏ। ତେଣୁ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲ ନଷ୍ଟ ହେଲେ, ସରକାରୀ ସାହାଯ୍ୟ ଓ ବୀମା ଅର୍ଥ ଭାଗଚାଷୀ ହିଁ ପାଇବା ଉଚିତ। ଏଥିପାଇଁ ଜମି ମାଲିକର ମଧ୍ୟ ଦ୍ୱିଧା ରହିବା ଉଚିତ ନୁହେଁ। ମାତ୍ର ସ୍ୱାଧୀନତା ପରେ ବିଭିନ୍ନ ଭୂ-ସଂସ୍କାର ଆଇନ ନାଁରେ ସରକାର ଚାଷୀ କୁଳକୁ ଯେଭଳି କଲବଲ କରିଛନ୍ତି, ତାହା କୌଣସି ଚାଷୀ ଭୁଲିପାରିବେ ନାହିଁ। ତେଣୁ ରାଜସ୍ୱ ଅଫିସ୍‌କୁ ଯାଇ ଭାଗଚାଷ ଦସ୍ତାବିଜ୍‌ରେ ଦସ୍ତଖତ କରିବା ପୂର୍ବରୁ ପ୍ରତ୍ୟେକ ଜମି ମାଲିକ ଶହେଥର ଭାବିବ। ସ୍ୱାଧୀନତା ପରେ ନିଜର ରାଜନୈତିକ ସୁବିଧା ପାଇଁ ପ୍ରତ୍ୟେକ ସରକାର ଚାଷୀ ମୁଣ୍ଡରେ ହିଁ ପ୍ରହାର ଦେଇଛି। ସ୍ୱଚ୍ଛଳ ଚାଷୀକୁଳ ହିଁ ଥିଲା ଗ୍ରାମ୍ୟ ଜୀବନର ମେରୁଦଣ୍ଡ ଭଳି। ପ୍ରତ୍ୟେକ ଚାଷୀ ସାଧୁ ଓ ସଚ୍ଚୋଟ ଥିଲା। ସରକାରୀ ସାହାଯ୍ୟ ଓ ସରକାରୀ ଚାକିରିକୁ ଆଡ଼ ଆଖିରେ ଚାହୁଁ ନଥିଲା। ପ୍ରଥମ ଚଡ଼କ ଆସିଲା, ସିଲିଂ ଆଇନ ଆଳରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଜମି ଚାଷୀ ହାତରେ ରଖି ଅଧିକ ଜମି ସରକାର ଭୂମିହୀନମାନଙ୍କୁ ବାଂଟିବେ ବୋଲି କହି ନେଇଗଲେ। ପରବର୍ତ୍ତୀ କାଳରେ ସିଲିଂ ଅନ୍ତର୍ଗତ ଜମି ମାଲିକର ବଂଶ ବୃଦ୍ଧି ହେତୁ ପରିବାରର ଆର୍ଥିକ ଅବକ୍ଷୟ ଘଟିଲା। ଏହି ଆଇନକୁ ଏକ ପ୍ରଗତିଶୀଳ ଆଇନ ବୋଲି ଡ଼ିଣ୍ଡିମ ପିଟାଗଲା। ଗାଁର ଚାଷୀକୁଳ ଉଚ୍ଛନ୍ନ ହେଲାବେଳକୁ ସହରରେ ଏହି ଆଇନ କାର୍ଯ୍ୟକାରୀ ହେଲାନାହିଁ। ବଡ଼ବଡ଼ କମ୍ପାନୀମାନେ ନିଜ ପରିବାର ସଦସ୍ୟକୁ ନେଇ ଏକ ଟ୍ରଷ୍ଟ ବା କମ୍ପାନୀ ଗଠନ କରି ଶହଶହ ଏକର ଫାର୍ମ ବା କାରଖାନା ଜମି ରଖିଲେ ମଧ୍ୟ ସେମାନଙ୍କୁ ଆଇନ ଛୁଇଁଲା ନାହିଁ। ଲୋକେ ଗଣ୍ଡା ଗଣ୍ଡା କୋଠା ଓ ହଜାର ହଜାର କୋଟି ଟଙ୍କାର ମାଲିକ ହେଲେ ମଧ୍ୟ ସେମାନଙ୍କୁ ସିଲିଂ ଅନ୍ତର୍ଭୁକ୍ତ କରାଗଲା ନାହିଁ। ପରବର୍ତ୍ତୀ କାଳରେ ଅନେକ ନେତା, ଅସାଧୁ କର୍ମଚାରୀ ଓ ବ୍ୟବସାୟୀ ଦେଶକୁ ଲୁଟି ଶହଶହ ଏକର ଜମିର ମାଲିକ ହୋଇ ବିରାଟ ବିରାଟ ଫାର୍ମ କଲେ ମଧ୍ୟ ଆଉ ସେମାନଙ୍କ ପାଇଁ ସିଲିଂ ଆଇନ ଲାଗିଲା ନାହିଁ। କଥାରେ ଅଛି, ଏକା ମାଘରେ ଶୀତ ଯାଏନା। ମାତ୍ର ଆମ ଦେଶରେ ଥରେ ସିଲିଂ ଆଇନ କରି କାମ ସାରିଦେଲେ। ଯାହା ବି ଜମି ନେଲେ, ତାହା ବଂଟା ନହୋଇ ପଡ଼ିଆ ପଡ଼ିଲା ଓ ସେଗୁଡ଼ିକୁ ପ୍ରଭାବଶାଳୀ ଲୋକେ ଜବରଦଖଲ କଲେ। ଦ୍ୱିତୀୟ ଚଡ଼କ ହେଲା, ଭାଗଚାଷ ଆଇନ ବା ଓଏଲଆର୍



ଆକ୍ଟ। ବାମପନ୍ଥୀ ଚିନ୍ତାଧାରାକୁ ନେଇ ଉଡୁଥିବା ସରକାର ହଠାତ୍ ଘୋଷଣା କଲେ ଲଙ୍ଗଳ ଯାହାର ଜମି ତାହାର। ଭାଗଚାଷୀ ହିଁ ଜମିର ମାଲିକାନା ପାଇବ। ଜଣେ ଚାକିରି କରି ବିଦେଶରେ ଥିଲାବେଳେ ଗାଁରେ ଜମି ଭାଗ ଦିଏ। ଚାକିରି ସରିଲେ ସେ ନିଜେ ଜମି ଚାଷ କରେ। ମାତ୍ର ହଠାତ୍ ସେ ଦେଖିଲା ଯେ, ଚାକିରିରୁ ଫେରିଲା ପରେ ତା'ର ଜମିସବୁ ସରକାରଙ୍କ ପ୍ରୋତ୍ସାହନରେ ଭାଗଚାଷୀ ମାଡ଼ି ବସିଲେଣି। ତା' ଗୁହାରି ଶୁଣିବାକୁ କେହି ନାହାନ୍ତି। ସେହିଭଳି ବ୍ରାହ୍ମଣ, ବିଧବା, ନାବାଳକ ସାମୟିକ ଭାବେ ଜମି ଭାଗ ଦିଅନ୍ତି। ମାତ୍ର ଅନ୍ଧ ଆଇନ ବାସ୍ତବତାକୁ ଭ୍ରୂକ୍ଷେପ ନକରି ସେମାନଙ୍କୁ ଭୂମିହରା କଲା। ହଜାର ହଜାର ବର୍ଷର ଗାଁ ଗଣ୍ଡାରେ ଯେଉଁ ଭାଇଚାରା ଥିଲା, ତାହା ନଷ୍ଟ ହୋଇଗଲା। ଖାଲି ସେତିକି ନୁହେଁ, ଜମି ଥରେ ରେଜିଷ୍ଟ୍ରି ହେଲା ପରେ ବିଭିନ୍ନ ଆଳ ଦେଖାଇ ପୁଣି ବିକ୍ରେତାମାନେ ଜମି ମାଡ଼ି ବସୁଛନ୍ତି। ସରକାରଙ୍କର ଭୋଟ୍ ପାଇଁ ପ୍ରୋତ୍ସାହନ ସେମାନଙ୍କୁ ତାକତ ଦେଉଛି। ଏଇଥିପାଇଁ ନାରାୟଣପାଟଣା ଓ ବନ୍ଧୁଗାଁରେ ଶହଶହ ଲୋକଙ୍କର ଜମି ଅନ୍ୟମାନେ ମାଡ଼ି ବସିଛନ୍ତି ଓ ଏହାର ଶେଷ ଫଳ ସ୍ୱରୂପ ସରକାରଙ୍କୁ ନାଲକୋ, ହାଲ୍ ଓ ରାଉରକେଲା ଇସ୍ପାତ କାରଖାନା ପାଇଁ ଦେଇଥିବା ଜମିମାନ ଲୋକେ ପୁଣି ଦାବି କଲେଣି। ରାଜନୈତିକ ଆଭିମୁଖ୍ୟ ରଖି ସରକାର ଚାଷୀମାନଙ୍କୁ ଯେପରି କାଳେ କାଳେ ନିର୍ଯାତିତ କରିଛନ୍ତି, ତାହାର ଫଳ ସ୍ୱରୂପ ନୂତନ ଭାଗଚାଷ ଆଇନ କେବେହେଲେ ଜମିମାଲିକମାନଙ୍କ ଦ୍ୱାରା ଆଦୃତ ହେବନାହିଁ। ଏହା ଦିବାଲୋକ ଭଳି ପରିଷ୍କାର।

**-ଡାକ୍ତର ସୁରେନ୍ଦ୍ରନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ-୯୪୩୭୨୩୫୩୮୬*



# ମୋ ଗାଁ

## ଶକ୍ତିମନ୍ତ୍ରୀଙ୍କ ସହ ବିଦ୍ୟୁତ ଶ୍ରମିକ-କର୍ମଚାରୀ ଏକତା ମଂଚର ଆଲୋଚନା

**ଭୁବନେଶ୍ୱର,(ପିଏନ)-** ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଲୋକସେବା ଭବନସ୍ଥିତ ଦପ୍ତରରେ ଶନିବାର ପୂର୍ବାହ୍ନରେ ବିଭିନ୍ନ ସମସ୍ୟା ନେଇ ବିଦ୍ୟୁତ ଶ୍ରମିକ କର୍ମଚାରୀ ଏକତା ମଂଚର କର୍ମକର୍ତାମାନେ ଆଲୋଚନା କରିଛନ୍ତି ।

ପୂର୍ବରୁ ଅଣତାଲିମପ୍ରାପ୍ତ କର୍ମଚାରୀମାନେ ବୈଷୟିକ ପଦବୀରେ ନିଯୁକ୍ତ ହେଉଥିଲେ ଏବଂ ପରବର୍ତୀ ସମୟରେ ସେମାନଙ୍କ ସ୍ଥାନରେ ଆଇଟିଆଇ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀଙ୍କ ନିଯୁକ୍ତ କରାଗଲା। ତେବେ ଏମାନଙ୍କୁ ବୈଷୟିକ କର୍ମଚାରୀ ଭାବେ ୨୮୦୦ ଟଙ୍କା ଗ୍ରେଡ୍ ପେ ଦିଆଯାଉଥିବାବେଳେ ପୂର୍ବ କର୍ମଚାରୀମାନଙ୍କୁ ୨୪୦୦ ଟଙ୍କା ଗ୍ରେଡ୍ ପେ ଦିଆଯାଉଛି। ଏହି କର୍ମଚାରୀମାନଙ୍କ ଟ.୨୪୦୦/- ଗ୍ରେଡ୍ ପେକୁ ଟ. ୨୮୦୦/-କୁ ବୃଦ୍ଧି କରିବା ଏବଂ ଟ. ୩୩୦୦/- ଗ୍ରେଡ୍ ପେକୁ ଉଚ୍ଛେଦ କରି ସେହି ସ୍ଥାନରେ ଗ୍ରେଡ୍ ପେ ୪୨ ଶହ ଟଙ୍କା ରଖିବା ପାଇଁ ମଂଚ ତରଫରୁ ମନ୍ତ୍ରୀ ଶ୍ରୀ ଦେବଙ୍କୁ ଅନୁରୋଧ କରାଯାଇଥିଲା। ଷଷ୍ଠ ବେତନ କମିଶନ ବେଳୁ ରହିଆସିଥିବା ଏହି ବେତନ ଅସଙ୍ଗତି ନେଇ ଦୀର୍ଘଦିନ ଧରି କର୍ମଚାରୀ ମହଲରେ ଅସନ୍ତୋଷ ରହିଆସିଥିବା ଏକତା ମଂଚ ତରଫରୁ ପ୍ରକାଶ କରାଯାଇଥିଲା । ଏଥି ସହିତ ବିଦ୍ୟୁତ ବିଭାଗରେ ବିପଜ୍ଜନକ କାର୍ଯ୍ୟରେ ନିଯୁକ୍ତ ଥିବା ଆଉଟ୍‌ସୋର୍ସିଂ କର୍ମଚାରୀମାନଙ୍କୁ ସାମାଜିକ ସୁରକ୍ଷା ବାବଦକୁ ଭତା ଓ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାକୁ ମଂଚର କର୍ମକର୍ତାମାନେ ଦାବି ରଖିଥିଲେ।

ଆଲୋଚନା ପରେ ମନ୍ତ୍ରୀ ଶ୍ରୀ ଦେବ ଏସବୁ ଦାବିର ସମାଧାନ ଶ୍ରମ ବିଭାଗ ପରିସରଭୁକ୍ତ ହୋଇଥିବା ହେତୁ ଏ ସଂକ୍ରାନ୍ତରେ ଶକ୍ତି ବିଭାଗ ତରଫରୁ ଏକ ସୁପାରିଶ ପତ୍ର ଓଡ଼ିଶା ଶକ୍ତି ସଂଚାରଣ ନିଗମ (ଓପିଟିସିଏଲ୍) ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଜରିଆରେ ପ୍ରେରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାବେଳେ ସଂଘର କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ଜେନେରାଲ ସେକ୍ରେଟାରୀ ପ୍ରତୀପ୍ର କୁମାର ନାୟକ, ଅକ୍ଷୟ କୁମାର ତ୍ରିପାଠୀ, ବି.ବି. ମହାନ୍ତି, ଆତ୍ମୀୟ କୁମାର ପାଟଯୋଶୀ, ବିରେନ୍ଦ୍ର କୁମାର ରାୟ, ବସନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଉତ୍କଳ ଆକାଶର ଉଜ୍ଜ୍ୱଳ ତାରକା ମହାରାଜା ଶ୍ରୀରାମଚନ୍ଦ୍ର

**ଭୁବନେଶ୍ୱର,(ପିଏନ)-** ଭାଷାଭିତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଉତ୍କଳର ଅନ୍ଧକାରମୟ ଆକାଶର ଉଜ୍ଜ୍ୱଳ ତାରକା । ତାଙ୍କ ଜ୍ଞାନାଲୋକରେ କେବଳ ମୟୂରଭଞ୍ଜ ନୁହେଁ ବରଂ ସମଗ୍ର ଓଡ଼ିଶା ଆଲୋକିତ ହୋଇଥିଲା । ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟ ଭିତିଭୂମିର ବିକାଶ ପାଇଁ ତାଙ୍କର ବହୁବିଧ ଉଦ୍ୟମର ତୁଳନା ନାହିଁ ବୋଲି ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ମହାରାଜା ଶ୍ରୀରାମଚନ୍ଦ୍ର ଥିଲେ ଜଣେ ଅତ୍ୟନ୍ତ ସରଳ, ଭଦ୍ର, ଜ୍ଞାନୀ, ପ୍ରଜାବତ୍ସଳ ଓ ଦେଶପ୍ରେମୀ ସୁଶାସକ । ମୟୂରଭଞ୍ଜ ତଥା ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ତାଙ୍କ ଅବଦାନ ଅବିସ୍ମରଣୀୟ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ଭାଷା ଆନ୍ଦୋଳନ, ଅରଣ୍ୟ ଓ ଖଣିଜ ସଂପଦର ପୁନଃମୂଲ୍ୟାୟନ, ଶିଳ୍ପାୟନ ଆଦି ପ୍ରତିକ୍ଷେତ୍ରରେ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଓ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୁଏ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ବାସନ୍ତି ହେମ୍ବ୍ରମ୍ ପ୍ରକାଶ କରିଥିଲେ ।

ଓଡ଼ିଶାର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ସର୍ବୋପରି ଉତ୍କଳ ପ୍ରଦେଶ ଗଠନରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କର ପ୍ରଭାବ, ପରିକଳ୍ପନା ଓ ଅବଦାନ ଅନବଦ୍ୟ ଓ ଅନନ୍ୟ । ମାନବକଲ୍ୟାଣ ପାଇଁ ତାଙ୍କ ଜୀବନ ସମର୍ପିତ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସଂପାଦିକା କସ୍ତୁରୀ ମହାପାତ୍ର ପ୍ରକାଶ କରିଥିଲେ ।

ମହାରାଜାଙ୍କ ଜୀବନୀ ଓ ତ୍ୟାଗପୂତ ଅଣଆଲୋଚିତ ଦିଗଗୁଡ଼ିକ ଉପରେ ଆଲୋକପାତ କରି ବାସ୍ତବରେ ସେ ଜଣେ ଯୁଗଜନ୍ମା ପୁରୁଷ ବୋଲି ମୁଖ୍ୟବକ୍ତା ବିଶିଷ୍ଟ ଐତିହାସିକ ତଥା ସଂସ୍କୃତି ଗବେଷକ ପଣ୍ଡିତ ପ୍ରମୋଦ କୁମାର ମିଶ୍ର ଉଲ୍ଲେଖ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ୧୪୦୦ ପୃଷ୍ଠାବିଶିଷ୍ଟ ସ୍ୱରଚିତ ମୟୂରଭଞ୍ଜ ଇତିହାସ ପୁସ୍ତକକୁ ବିଶିଷ୍ଟ ଅତିଥିମାନଙ୍କୁ ପ୍ରଦାନ କରିଥିଲେ।

ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧକ୍ଷତାପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରି ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଭଳି ଜଣେ ଉନ୍ନତ ଚିନ୍ତାଧାରାସଂପନ୍ନ ଏବଂ ଦୂରଦ୍ରଷ୍ଟା ଶାସକ ଓଡ଼ିଶା କାହିଁକି ବରଂ ସମଗ୍ର ଭାରତରେ ବିରଳ ବୋଲି ଉଲ୍ଲେଖ କରିଥିଲେ । ଆଜିର ଯୁବପିଢ଼ି ତାଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ହେଲେ ରାଜ୍ୟର ସୁନାମ ବହୁଗୁଣିତ ହେବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଅଜୟ କୁମାର ମହାନ୍ତି ଓ ସାଥିଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା। ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସଂପାଦକ ଡ. ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ଜାତିପ୍ରେମୀ ଓ ପ୍ରଜାବତ୍ସଳ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

**ଭୁବନେଶ୍ୱର,(ପିଏନ)-** ଉତ୍କଳ ସମ୍ମିଳନୀ ପ୍ରଥମ ସଭାପତି ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୨ ତମ ଜନ୍ମ ଦିବସ ଉପଲକ୍ଷେ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ଶନିବାର ପୂର୍ବାହ୍ନରେ ସ୍ଥାନୀୟ ପାୱାର ହାଉସ୍ ଛକସ୍ଥିତ ଉକ୍ତ ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାପରେ ସମ୍ମିଳନୀ କେନ୍ଦ୍ରୀୟ ସଭାପତି ବସନ୍ତ କୁମାର ତ୍ରିପାଠୀଙ୍କ ଅଧକ୍ଷତା ଏବଂ ସାଧାରଣ ସଂପାଦକ ଡା. ରାଧାନାଥ ପ୍ରହରାଜଙ୍କ ଦ୍ୱାରା ପରିଚାଳିତ ଏକ ସଭାରେ ମହାରାଜାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ବକ୍ତାମାନେ ତାଙ୍କୁ ପ୍ରାତଃ ସ୍ମରଣୀୟ ପ୍ରଜାବତ୍ସଳ ରାଜା ଭାବରେ ଉପସ୍ଥାପନ କରି ସେ ରାଜା ହୋଇ ମଧ୍ୟ କିପରି ନିରାଡମ୍ବର ଜୀବନଯାପନ ସହ ପ୍ରଜାମାନଙ୍କ ପାଇଁ ସେ ସମୟରେ ବହୁ ସଂଖ୍ୟାରେ ବିଦ୍ୟାଳୟ, ଚିକିତ୍ସାର ସୁବିଧା, ରେଳ ଗାଡ଼ିର ପ୍ରଚଳନ, ଜଳପ୍ରପାତମାନଙ୍କରୁ ବିଦ୍ୟୁତ ଉତ୍ପାଦନ ଉଦ୍ୟମ, ପାଂଚ ଶହ ମାଇଲ ରାସ୍ତା ଏବଂ କଳାକାରଖାନା ମଧ୍ୟ ବସାଇ ଥିବା ଇତ୍ୟାଦି ବିଷୟ ଅବତାରଣା କରିଥିଲେ।

ଏତଦ୍‌ବ୍ୟତୀତ ସେ କିପରି ସମଗ୍ର ଓଡ଼ିଆ ଜାତି ଏବଂ ଭାଷାର ଉନ୍ନତି ହେବ ସେ ଦିଗରେ ଚିନ୍ତା କରୁଥିବାରୁ ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ହୋଇ ସଂପୂର୍ଣ୍ଣ ଓଡ଼ିଆ ଜାତିକୁ ଦିଗ୍‌ଦର୍ଶନ ଦେଇ ଓଡ଼ିଶା ରାଜ୍ୟ ଗଠନର ଅନ୍ୟତମ ପ୍ରମୁଖ କାଣ୍ଡାରି ଭାବରେ ସ୍ମରଣୀୟ ହୋଇ ପାରିଛନ୍ତି ସେ ବିଷୟ ଆଲୋଚନା ପରିସରଭୁକ୍ତ ହୋଇଥିଲା। ଶେଷରେ ପାୱାର ହାଉସ୍ ଛକ ଠାରୁ ସି.ଆର୍.ପି. ଛକ ପର୍ଯ୍ୟନ୍ତ ରାସ୍ତାକୁ ଉତ୍କଳ ସମ୍ମିଳନୀ ସରଣୀ ଭାବରେ ନାମିତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ଦୀର୍ଘବର୍ଷତଳୁ ଆଇନ ବ୍ୟବସ୍ଥାନୁଯାୟୀ ନିଷ୍ପତି ଗ୍ରହଣ କରିସାରିଥିବାରୁ ଏବଂ ଏହା ମଧ୍ୟ ମହାରାଜାଙ୍କ ସ୍ମୃତିରକ୍ଷା ଦିଗରେ ଏକ ପଦକ୍ଷେପ ହେତୁ ଏଥିପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ସଭାରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଯାଇଛି।

## ନିର୍ବାଚନ ମଡେଲ କଥା ବିଜେଡି ନେତାମାନେ ହିଁ ପ୍ରଥମେ ଆରମ୍ଭ କରିଥିଲେ- ମୁକେଶ ମହାଲିଙ୍ଗ



ଭୁବନେଶ୍ୱର,(ପିଏନ)- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମନ୍ତବ୍ୟରେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ଉପନିର୍ବାଚନ କେବେ ବି ନିର୍ବାଚନ ପାଇଁ ମଡେଲ ହୋଇପାରିବ ନାହିଁ ବୋଲି କହିବା ହାସ୍ୟାସ୍ପଦ ବୋଲି ପ୍ରେସ ବିଜ୍ଞପ୍ତି ଜରିଆରେ କହିଛନ୍ତି ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ।

ସେ କହିଛନ୍ତି ସସ୍ମିତ ପାତ୍ର ବୋଧେ ଭୁଲି ଯାଉଛନ୍ତି, ନିର୍ବାଚନ ମଡେଲ କଥା ତାଙ୍କ ଦଳର ନେତାମାନେ ହିଁ ପ୍ରଥମେ ଆରମ୍ଭ କରିଥିଲେ । ସାଢେ ୪ କୋଟି ଓଡ଼ିଶାବାସୀଙ୍କ ସେବାକୁ ସେ ମଡେଲ ବୋଲି କହୁଛନ୍ତି କିନ୍ତୁ ଦୀର୍ଘ ୨୨ ବର୍ଷ ଶାସନରେ ତାଙ୍କ ସରକାର ଓଡ଼ିଶାବାସୀଙ୍କ ପାଇଁ କଣ ସେବା କରିଛନ୍ତି ତାହା ସବୁ ଓଡ଼ିଆ ଲୋକମାନେ ଜାଣିଛନ୍ତି । ତାଙ୍କ ମୁହଁରେ ଏପରି କଥା ଶୋଭା ପାଉନାହିଁ, ତେଣୁ ସେ ଦିନରେ ଲଣ୍ଠନ ଦେଖାଇବା ବନ୍ଦ କରନ୍ତୁ ।

୨୨ ବର୍ଷ ଶାସନରେ ଆଜି ବିଜୁ ଜନତା ଦଳର ମଡେଲ ଦୁର୍ନୀତି, ପିସି ଓ ଅତ୍ୟାଚାର ମଡେଲ ହୋଇଛି । ସ୍ୱାସ୍ଥ୍ୟ, ଶିକ୍ଷା ଓ ଲୋକଙ୍କ ମୌଳିକ ସମସ୍ୟା ବିପର୍ଯ୍ୟସ୍ତ । ବିଧାନସଭା ତଥ୍ୟରୁ ହିଁ ରାଜ୍ୟ ସରକାରଙ୍କ ସୁଶାସନର ପାରିବାପଣିଆକୁ ଦର୍ଶାଉଛି । ଆଜି ୫ଟି ଏବଂ ମୋ ସରକାରରେ ଓଡ଼ିଶା ; ମହିଳା ନିର୍ଯ୍ୟାତନା, ବେରୋଜଗାରୀ, ଦାଦନ ସମସ୍ୟାରେ ୧ ନମ୍ବର ହୋଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ପାଇଁ ରାଜ୍ୟ ସରକାର ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରୁନାହାନ୍ତି, ଯାହା ଦୁଃଖର ବିଷୟ । ଶ୍ରୀ ପାତ୍ରଙ୍କ ମୁହଁରେ ନୀତି ଆଦର୍ଶର କଥା ଶୋଭା ପାଉନାହିଁ । ଏ ସରକାର କୁହାମୁଣ୍ଡା କପିଳା । ଯେ ଖାଲି କଥା କହେ ମାତ୍ର କାମ କରେ ନାହିଁ । ଅପରପକ୍ଷରେ ମୋଦି ସରକାରଙ୍କ ମୂଳ ମନ୍ତ୍ର ହେଉଛି ସବକା ସାଥ୍, ସବକା ବିକାଶ, ସବକା ପ୍ରୟାସ ଓ ସବକା ବିଶ୍ୱାସ । ସେବା ଓ ସୁଶାସନ ମୋଦି ସରକାରଙ୍କ ପ୍ରାଥମିକତା ହୋଇଛି । ତେଣୁ ଆମ ଦଳ ତରଫରୁ ଶ୍ରୀ ପାତ୍ରଙ୍କୁ ଅନୁରୋଧ ତାଙ୍କ ସରକାର ମୋଦି ସରକାରଙ୍କ ମଡେଲକୁ ରାଜ୍ୟରେ ଅନୁସରଣ କରନ୍ତୁ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି ।

## ମଶା ଉତ୍ପାତରୁ କେବେ ମିଳିବ ମୁକ୍ତି ? - କଂଗ୍ରେସ

**ଭୁବନେଶ୍ୱର,(ପିଏନ)-** ମହାନଗର ନିଗମ ମଶାନିବାରଣ କ୍ଷେତ୍ରରେ ଚରମ ଉଦାସୀନତା ପ୍ରଦର୍ଶନ କରୁଛି। ଏହାକୁ ଏକ ନିତିଦିନିଆ ଘଟଣାରୂପେ ବିଚାର କରି ଆବଶ୍ୟକୀୟ ତତ୍ପରତା ପ୍ରକାଶ କରୁନାହିଁ। ଫଳତଃ ମଶା ବଂଶ ଅଭାବନୀୟ ଭାବେ ବଢ଼ି ଚାଲିଛି ଓ ତାହ ସହ ନଗରବାସୀଙ୍କ ଦୁର୍ଦ୍ଦଶା ବି ବଢ଼ି ଚାଲିଛି।

ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଏକ ପ୍ରେସ ଇସ୍ତାହାରରେ ବିଏମସିରେ ମଶା ଉତପାଦ ଘଟଣାରେ ଘୋର ଉଦ୍‌ବେଗ ପ୍ରକାଶ କରିବା ସହ ବିଏମସି କର୍ତୃପକ୍ଷଙ୍କ ପାରମ୍ପରିକ ଆଭିମୁଖ୍ୟକୁ ଘୋର ନାପସନ୍ଦ କରିଛନ୍ତି। ଦୀର୍ଘକାଳ ଅବହେଳା କରି ଏବେ ହଟାତ କେତେକ ପଦକ୍ଷେପ ଘୋଷଣା କେବଳ ଆତ୍ମରକ୍ଷା ବ୍ୟତୀତ କିଛି ନୁହେଁ। ମନେରଖିବା ଉଚିତ ଯେ ମହାନଗର ନିଗମବାସୀଙ୍କ ସ୍ୱାସ୍ଥ୍ୟରକ୍ଷା ବିଏମସିର ପ୍ରଥମ ଓ ପ୍ରଧାନ ଦାୟୀତ୍ୱ। ଏ କ୍ଷେତ୍ରରେ ଆଳ ନେଇ ଖସିବା ଉଦ୍ୟମ ଦୁର୍ଭାଗ୍ୟଜନକ।

କାହିଁକି ନାହାନ୍ତି ବିଏମସିରେ ବିଶେଷଜ୍ଞ ? କାହିଁକି ମଶାଙ୍କ ଲାର୍ଭା ଖାଇବାପାଇଁ ୧୦ବର୍ଷ ହେଲା ବନ୍ଦ ହୋଇଯାଇଛି ରସୁଲଗଡ଼ର ମାଛ ହାଚେରୀ ? କାହିଁକି ଅନ୍ୟସୂତ୍ରରୁ ସଂଗ୍ରହ କରି ଅପରିଷ୍କାର ପାଣିରେ ଗଙ୍ଗୁଶିଆ ମାଛ ଓ ପରିଷ୍କାର ପାଣିରେ ଗପି ମାଛ ଛଡ଼ାଯାଉ ନାହିଁ ?ବୋଲି ସେ ପ୍ରଶ୍ନ କରିଛନ୍ତି ।

ସୁତରାଂ ଯୁଦ୍ଧକାଳୀନ ଭିତିରେ ମଶା ନିପାତ ନିମିତ ପଦକ୍ଷେପ ଗ୍ରହଣ କରିବା ସହ କେବେ ସୁଦ୍ଧା ରାଜଧାନୀବାସୀ ମୁକ୍ତି ପାଇବେ ତାହାର ଠୋସ ଉତର ରଖିବାକୁ ଶ୍ରୀ ବେହେରା ବିଏମସି କର୍ତୃପକ୍ଷଙ୍କୁ ଆହ୍ୱାନ ଦେଇଛନ୍ତି। ନିରୁତର ରହିଲେ କଂଗ୍ରେସ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ପୂର୍ବତନ ମନ୍ତ୍ରୀ ଚେତାଇ ଦେଇଛନ୍ତି।

## ମଶା ବଂଶ ନିପାତ କରିବ ଡ୍ରୋନ୍

**ଭୁବନେଶ୍ୱର,(ପିଏନ)-** ରାଜଧାନୀରେ ମଶାଙ୍କ ଉପଦ୍ରବ ରୋକିବାକୁ ଆରମ୍ଭ ହୋଇଛି ଡ୍ରୋନ୍ ମାଧ୍ୟମରେ ଔଷଧ ସିଂଚନ ଅଭିଯାନ। ଶନିବାରଦିନ ଭୁବନେଶ୍ୱର ୧୪ ନଂ ୱାର୍ଡରୁ ପରୀକ୍ଷା ମୂଳକ ଭାବେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି। ପାଇଲଟ ପ୍ରୋଜେକ୍ଟ ଭାବେ ୭ ଦିନିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପ୍ରଥମ ଦୁଇଦିନ ଡ୍ରୋନ ଫଟୋ ଉଠାଇବା ପରେ ଅବଶିଷ୍ଟ ୫ ଦିନ ଆକାଶ ମାର୍ଗରୁ ପେଷ୍ଟିସାଇଡ ସିଂଚନ କରାଯିବ ।ମଶାଙ୍କ ବଂଶ ବୃଦ୍ଧିକୁ ରୋକିବାକୁ ବିଏମସି ପକ୍ଷରୁ ମଶା ତେଲ ପକାଇବା ଓ ମଶା ଧୂଆଁ ଛାଡିବାକୁ ବ୍ୟାପକ କରାଯାଇଛି । ୯ଟି ଟିଫା ମେସିନ ସମେତ ବୁଦା ସଫା କରିବା ଟିମ୍ ସଂଖ୍ୟାକୁ ବୃଦ୍ଧି କରାଯାଇଛି । ତେବେ ଟିଫା ମେସିନ ଯାଇପାରୁନଥିବା ଅଂଚଳକୁ ଚିହ୍ନଟ କରି ଆକାଶ ମାର୍ଗରୁ ପେଷ୍ଟିସାଇଡ ସିଂଚନ କରିବାକୁ ନିଷ୍ପତି ନେଇଛି ବିଏମସି। ଏଥିପାଇଁ କୋଲକାତାର ବେଇଟ ଲୋଜିଟେକ ଆଣ୍ଡ ସ୍ମାର୍ଟ ହେଲଥ କେୟାର କଂସର୍ଟିୟମ ନାମକ ଏକ ଘରୋଇ ସଂସ୍ଥା ସହ ଏମଓୟୁ ସ୍ୱାକ୍ଷର କରିଛି ବିଏମସି। ଆଜି ୧୪ନମ୍ବର ୱାର୍ଡ ଅନ୍ତର୍ଗତ ନିଳାଦ୍ରୀବିହାର ଅଂଚଳରୁ ଡ୍ରୋନ୍ ଜରିଆରେ ମଶା ପ୍ରବଣ ସ୍ଥାନକୁ ଚିହ୍ନଟ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । ପର୍ଯ୍ୟାୟ କ୍ରମେ ବିଏମସିର ସମସ୍ତ ୱାର୍ଡରେ ଏହା କାର୍ଯ୍ୟକାରୀ ହେବ ।

## ସିଜନ୍‌ର ବହୁ-ପ୍ରତିକ୍ଷୀତ ସେଲ୍‌ର ଘୋଷଣା କରିଛି ଲାଇଫ୍‌ଷ୍ଟାଇଲ୍




**ଭୁବନେଶ୍ୱର :** ଭାରତର ଅଗ୍ରଣୀ ଫ୍ୟାଶନ ଗନ୍ତବ୍ୟସ୍ଥଳୀ ଲାଇଫ୍‌ଷ୍ଟାଇଲ୍ ପକ୍ଷରୁ ଏହାର ବହୁ-ପ୍ରତିକ୍ଷୀତ ସେଲ୍ ଆରମ୍ଭ ହୋଇଯାଇଛି। ଲାଇଫ୍‌ଷ୍ଟାଇଲ୍ ସେଲ୍‌ରେ ସପିଙ୍ଗ୍ କରୁଥିବା ଗ୍ରାହକମାନେ ଶୀର୍ଷ ଫ୍ୟାଶନ ବ୍ରାଣ୍ଡଗୁଡିକରେ ନୂଆ ଷ୍ଟାଇଲ୍ ଉପରେ ୫୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ସପର୍‌ମାନେ ଆପାରେଲ, ବିୟୁଟି, ୱାଚ୍, ଫ୍ରାଗ୍ରାନ୍ସ, ଫୁଟ୍‌ୱେୟାର, ହ୍ୟାଣ୍ଡବ୍ୟାଗ୍ ଓ ଆକ୍‌ସେସରିଜ୍ କ୍ଷେତ୍ରରେ ସିଜନ୍‌ର ସର୍ବୋତମ ଉତ୍ପାଦଗୁଡିକୁ ଆକର୍ଷଣୀୟ ମୂଲ୍ୟରେ ପାଇପାରିବେ। ସେହିପରି ଆଇସିଆଇସିଆଇ ଓ ୱାନ୍ କାର୍ଡ କ୍ରେଡିଟ୍ କାର୍ଡ ହୋଲ୍ଡରଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଫର୍ ରହିଛି ଯେଉଁମାନେ ଯଥାକ୍ରମେ ୭୫୦୦ ଟଙ୍କା ଓ ୩୫୦୦ ଟଙ୍କାର ସର୍ବନିମ୍ନ ସପିଙ୍ଗ୍ ଉପରେ ୧୦%ର ତତ୍କାଳ ରିହାତି ପାଇପାରିବେ। ପେଟିଏମ୍ ଉପଭୋକ୍ତାମାନେ ୨୯୯୯ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟର ସପିଙ୍ଗ୍ ଉପରେ ୭୫୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ପାଇପାରିବେ(ସର୍ତାବଳୀ ଲାଗୁ)। ମହିଳାମାନଙ୍କ ପାଇଁ ସିକ୍ୱିନ୍‌ଡ ଓ ସିମର ଡ୍ରେସ୍‌ଗୁଡିକର ଏକ ଶୃଙ୍ଖଳା ଏବଂ ପାର୍ଟି ଜ୍ୟାକେଟ୍‌ଗୁଡିକର ଏକ ବିସ୍ତୃତ ରେଞ୍ଜ୍ ସହିତ ପୁରୁଷଙ୍କ ପାଇଁ ଆଥିଲେଜରରେ ରିଫ୍ଲେକ୍ଟିଭ୍ ପ୍ରିଂଟ୍ ଓ ଷ୍ଟେଟ୍‌ମେଂଟ୍ ଗ୍ରାଫିକ୍ସକୁ ଉତ୍ସାହଜନକ ରିହାତିରେ ହାସଲ କରାଯାଇପାରିବ, ଫ୍ୟାଶନିଷ୍ଟାମାନେ ଚଳିତ ପାର୍ଟି ସିଜନରେ ଉତ୍ସାହକୁ ନିଶ୍ଚିତ ରୂପେ ବୃଦ୍ଧି କରିପାରିବେ। ଲାଇଫ୍‌ଷ୍ଟାଇଲ୍ ସେଲ୍ ଆପଣଙ୍କ ପାଇଁ ଅତୁଳନୀୟ ଅଫର୍‌ରେ ଲିଭାଇସ୍, ଭେରୋ ମୋଡା, ମେବିଲିନ୍, ଜ୍ୟାକ୍ ଆଣ୍ଡ୍ ଜୋନ୍‌ସ, ପେପେ, ମେଲାଞ୍ଜ, କାପ୍ପା, ଭ୍ୟାନ୍ ହୁସେନ, ଆଣ୍ଡ, ବିବା, ସ୍କେଚର୍ସ, କୋଡ୍, ଫୋର୍‌କା, ଆଲେନ୍ ସୋଲି, ବ୍ୟାଗଇଟ୍, ଟାଇଟନ୍, ଫସିଲ, କ୍ୟାଟ୍‌ୱାକ୍ ଆଦି ଭାରତୀୟ ଓ ଆନ୍ତର୍ଜାତୀୟ ବ୍ରାଣ୍ଡଗୁଡିକର ସର୍ବୋତମ ଉତ୍ପାଦ ଆଣିଛି। ଏହି ଲାଇଫ୍‌ଷ୍ଟାଇଲ୍ ସେଲ୍ ସମସ୍ତ ଲାଇଫ୍‌ଷ୍ଟାଇଲ୍ ଷ୍ଟୋର୍, ଅନ୍‌ଲାଇନ୍‌ରେ lifestylestores.comରେ ଏବଂ ଆଣ୍ଡ୍ରଏଡ୍ ଓ ଆଇଫୋନ୍ ଉପଭୋକ୍ତାଙ୍କ ପାଇଁ ଉପଲବ୍ଧ ଲାଇଫ୍‌ଷ୍ଟାଇଲ୍ ଆପରେ ବୈଧ ରହିବ। ଭୁବନେଶ୍ୱରରେ ଲାଇଫ୍‌ଷ୍ଟାଇଲ୍ ଷ୍ଟୋର୍ ଏସ୍‌ପ୍ଲାନେଡ୍ ୱାନ୍ ମଲରେ ଏହା ଅବସ୍ଥିତ ରହିଛି।

## ସଂଗଠନକୁ ସୁଦୃଢ଼ କରିବା ସହ ଜନବିରୋଧୀ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନକୁ ଓହ୍ଲାଇବ ବିଜେପି

**ଭୁବନେଶ୍ୱର,(ପିଏନ)-** ଜନବିରୋଧୀ ରାଜ୍ୟ ସରକାରଙ୍କ ମିଛ ପ୍ରତିଶୃତି ଓ ପ୍ରତାରଣା ବିରୁଦ୍ଧରେ ଭାରତୀୟ ଜନତା ପାର୍ଟୀ ଆଗାମୀ ଦିନରେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଲଢେଇକୁ ଆହୁରି ଶାଣିତ କରିବ । ଜନବିରୋଧୀ ନବୀନ ସରକାର ଓଡ଼ିଶାବାସୀଙ୍କ ଦେଇଥିବା ମିଛ ପ୍ରତିଶୃତିକୁ ପଦାରେ ପକାଇବା ସହ ଏହାର ପର୍ଦ୍ଦାଫାଶ କରିବା ପାଇଁ ଭାରତୀୟ ଜନତା ପାର୍ଟି ସମସ୍ତ ଯୋଜନା ପ୍ରସ୍ତୁତ କରିସାରିଛି। ଏନେଇ ଆଜି ରାଜ୍ୟ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ଶ୍ରୀମତୀ ଡି. ପୁରନ୍ଦେଶ୍ୱରୀ, ସହପ୍ରଭାରୀ ବିଜୟ ପାଲସିଂତୋମାର ଏବଂ କେନ୍ଦ୍ର ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ ଓ ରାଜ୍ୟ ପଦାଧିକାରୀଗଣ ଉପସ୍ଥିତ ଥିଲେ ।

ବୈଠକ ସଂପର୍କରେ ସୁଚନା ଦେଇ ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ନିକଟ ଅତୀତରେ ଶେଷ ହୋଇଥିବା ଧାମନଗର ଓ ପଦ୍ମପୁର ବିଧାନସଭାର ଉପନିର୍ବାଚନ ଫଳାଫଳକୁ ନେଇ ସମୀକ୍ଷା କରାଯାଇଥିଲା। ରାଜ୍ୟ ସରକାର ଚାଷୀମାନଙ୍କୁ ଯେଉଁଭଳି ପ୍ରତାରିତ କରିଆସୁଛନ୍ତି ଏବଂ ରାଜ୍ୟର ଚାଷ ଓ ଚାଷୀ ସମୁଦାୟଙ୍କୁ ହତ୍ୟା କରିବା ଲାଗି ଯେଉଁ ଷଡଯନ୍ତ୍ର କରୁଛନ୍ତି ଏବଂ ନିଜର ସ୍ୱାର୍ଥ ଦୃଷ୍ଟିରୁ ଯେଭଳି ବ୍ୟବହାର କରୁଛନ୍ତି ତାହାକୁ ବିଜେପି ଦୃଢ଼ ନିନ୍ଦା କରୁଛି। ଓଡ଼ିଶାର ଗ୍ରାମାଂଚଳର ସାମଗ୍ରିକ ବିକାଶ ପାଇଁ ଉର୍ଦ୍ଦିଷ୍ଟ ପଂଚାୟତରାଜ ବ୍ୟବସ୍ଥା ବା ଅନୁଷ୍ଠାନକୁ ରାଜନୈତିକ ବ୍ୟବହାର କରୁଛନ୍ତି ସରକାର। ବ୍ଲକରେ ଜିଏସ୍‌ଟି ଠକେଇ ହେଉଛି। ଜିଏସ୍‌ଟି ଠକେଇ ମୁଖ୍ୟ ନାୟକ ସାଜିଛନ୍ତି ରାଜ୍ୟ ସରକାର। ଓଡ଼ିଶା ପ୍ରଦେଶରେ ବିଜୁଳି ଉପଭୋକ୍ତାମାନଙ୍କୁ ବିଭିନ୍ନ ଆଳରେ ଆର୍ଥିକ ଅତ୍ୟାଚାର କରାଯାଉଛି। ଟାଟାପାୱାର ଆଳରେ ରାଜ୍ୟ ସରକାର ଓ ଓଇଆରସି ଏଠି ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଅବହେଳା କରିବା, ଆର୍ଥିକ ନିର୍ଯ୍ୟାତନା ଦେବା ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ଓଡ଼ିଶା ପ୍ରଦେଶର ଯୁବକ ଯୁବତୀମାନଙ୍କୁ ଚାକିରି କିମ୍ବା ନିଯୁକ୍ତି ଦେବାକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଅକ୍ଷମ ହୋଇଛନ୍ତି। ଏସମସ୍ତ ବିଷୟକୁ ନେଇ ଏକ ଲଢ଼େଇର ଯୋଜନା ପ୍ରସ୍ତୁତ କରିଛି ଦଳ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

ଦଳକୁ ଆହୁରି ଅଧିକ ସଶକ୍ତ କରିବା ଲାଗି ଓ ସାଧାରଣ ଲୋକଙ୍କ ସହ ସଂଯୋଗ, ଲୋକ ଓ ରାଜ୍ୟ ସମସ୍ୟା ସହ ଯୋଡି ରଖିବା ପାଇଁ ଦଳକୁ କେବଳ ତୃଣମୂଳ ସ୍ତରରେ ସଶକ୍ତ କରିବା ନୁହେଁ ଜନବିରୋଧୀ ରାଜ୍ୟ ସରକାର ବିରୋଧରେ ନିର୍ଣ୍ଣାୟକ ଆନ୍ଦୋଳନର ଯୋଜନା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଯୁବକମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅମନଯୋଗିତା ବିରୋଧରେ ବିଜେପି ଏକ ଲମ୍ବା ସମୟ ଧରି ଆନ୍ଦୋଳନ ଜାରି ରଖିବ ନିଷ୍ପତି ନେଇଛି। ବୈଠକରେ ସମସ୍ତ ଆନ୍ଦୋଳନ ପାଇଁ ସ୍ପଷ୍ଟ ଯୋଜନାର ଚୂଡାନ୍ତ ରୂପରେଖ ପ୍ରସ୍ତୁତ ହୋଇଛି। ତୃଣମୂଳସ୍ତରରେ ସଂଗଠନକୁ ମଜଭୁତ୍ କରିବା ସହ ରାଜ୍ୟ ସରକାର ତାଙ୍କର ଜନବିରୋଧୀ ନିଷ୍ପତି ପରିବର୍ତନ ନକରିବା ପର୍ଯ୍ୟନ୍ତ କ୍ରମାଗତ ଭାବେ ନିର୍ଣ୍ଣାୟକ ଆନ୍ଦୋଳନ ଜାରି ରଖିବ ଭାରତୀୟ ଜନତା ପାର୍ଟି ବୋଲି ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି ।

ଅର୍ଥନୈତିକ ଘଡିସନ୍ଧି ମୁହୂର୍ତରେ ଭାରତ ଯେପରି ବିଶ୍ୱରେ ନିଜର ସ୍ଥିତିକୁ ଜାହିର କରି ପାରିଛି ତାହା ସମ୍ପର୍କରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଭାରତରେ ଅନୁଷ୍ଠିତ ହେବାକୁ ଥିବା ଜି-୨୦ ସମ୍ମିଳନୀ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱ ଉପରେ ଆଲୋଚନା କରାଯାଇଥିଲା । ଜି-୨୦ ସମ୍ମିଳନୀରେ ଓଡିଶାରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବୈଠକକୁ ସଫଳ କରିବା ସହିତ ଓଡିଶାର ସୁନାମ ବିଶ୍ୱବ୍ୟାପୀ ପହଂଚାଇବା ପାଇଁ ସମସ୍ତ ବିଜେପି କାର୍ଯ୍ୟକର୍ତାଙ୍କୁ ଆହ୍ୱାନ ଦିଆଯାଇଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।ଏହି ବୈଠକ ପରେ କୋର କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଆଗାମୀ ଦିନର ରୋଡ ମ୍ୟାପ୍ ସମ୍ପର୍କରେ ସବିଶେଷ ଚର୍ଚ୍ଚା ଆଲୋଚନା ହୋଇଥିଲା। ସେହିପରି ଦଳର ଆନ୍ଦୋଳନ କମିଟିର ନେତୃତ୍ୱମାନେ ଏକ ବୈଠକରେ ସମ୍ମିଳୀତ ହୋଇ ଆଗାମୀ ଦିନରେ ଜନବିରୋଧୀ ରାଜ୍ୟ ସରକାରଙ୍କ ବିରୋଧରେ ଆନ୍ଦୋଳନର ଖସଡା ପ୍ରସ୍ତୁତ କରାଯାଇଛି।

ଏହି ବୈଠକରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ସାଧାରଣ ସଂପାଦକ ଗୋଲକ ମହାପାତ୍ର, ଡ.ଲେଖାଶ୍ରୀ ସାମନ୍ତସିଂହାର, ରବି ନାୟକ ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ମୋ ସ୍କୁଲ୍ ଅଭିଯାନକୁ ବ୍ୟାପକ କରିବାକୁ ଆହ୍ୱାନ

ଭୁବନେଶ୍ୱର,(ପିଏନ)- ଭୁବନେଶ୍ୱରସ୍ଥ କୃଷି ଭବନ ସମ୍ମିଳନୀ କକ୍ଷରେ ଶନିବାର ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କ ଦ୍ୱିତୀୟ ଦିନ ତାଲିମ ଶିବିରରେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶ୍ରୀମତୀ ଆଶ୍ୱଥୀ ଏସ୍. ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ବ୍ୟବସ୍ଥିତ କରିବାକୁ ସମସ୍ତ ବ୍ଲକ୍ ଓ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷଣ ଫଳାଫଳକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ‘ବ୍ୟାକ୍ ଟୁ ଏକାଡେମିକ୍ସ’ ଉପରେ ଫୋକସ୍ କରିବାକୁ ସେ ଆହ୍ୱାନ ଦେଇଥିଲେ। ସରକାରୀ ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆମର ଏକମାତ୍ର ଲକ୍ଷ୍ୟ ଏବଂ ଏହି ଲକ୍ଷ୍ୟ ହାସଲ ଦିଗରେ ସମସ୍ତେ ମିଳିତ ଭାବରେ କାର୍ଯ୍ୟ କରିବାକୁ କହିଥିଲେ। ଶିକ୍ଷକମାନଙ୍କୁ ପ୍ରୋତ୍ସାହିତ କରିବା ସହ ନିଜେ ପ୍ରୋତ୍ସାହିତ ହେବାକୁ ସେ ଉପସ୍ଥିତ ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।




ସେହିଭଳି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା କେବଳ ସମସ୍ୟା ସମ୍ପର୍କରେ ଅଭିଯୋଗ ନ କରି ତାହାର ସମାଧାନ କରିବା ଦିଗରେ କାର୍ଯ୍ୟ କରିବାକୁ ସେ ସମସ୍ତ ଶିକ୍ଷା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କ କ୍ଷେତ୍ର ପରିଦର୍ଶନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସେମାନଙ୍କ ଅଫିସରେ ପଡ଼ି ରହିଥିବା ବିଭିନ୍ନ କୋର୍ଟ କେସ୍, ପେନ୍‌ସନ୍ ମାମଲା, ଚାକିରି ମାମଲା, ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ଶିକ୍ଷାନୁଷ୍ଠାନର ରକ୍ଷଣାବେକ୍ଷଣ ଦାୟିତ୍ୱ ସମ୍ବନ୍ଧରେ ବକ୍ତବ୍ୟ ରଖି ଏସବୁ କାର୍ଯ୍ୟର ସୁଚାରୁ ପରିଚାଳନା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ ।

ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ର ଓ ରାଜ୍ୟ ଅର୍ଥ ନିୟନ୍ତ୍ରକ ଅଶୋକ କୁମାର ମହାନ୍ତି ସମସ୍ତ ଅଧିକାରୀଙ୍କୁ ପେନ୍‌ସନ୍ ସଂପର୍କିତ ବିଷୟଗୁଡ଼ିକ କିପରି ଶୀଘ୍ର ଫଇସଲା କରାଯାଇପାରିବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ ।

‘ମୋ ସ୍କୁଲ୍ ଅଭିଯାନ’ର ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ ଜେନା ସରକାରୀ ବିଦ୍ୟାଳୟର ଭିତିଭୂମି ଓ ଶୈକ୍ଷିକ ପରିବେଶକୁ ଆହୁରି ଉନ୍ନତ କରିବାକୁ ‘ମୋ ସ୍କୁଲ୍ ଅଭିଯାନ’କୁ ଅଧିକରୁ ଅଧିକ ବ୍ୟାପକ କରିବାକୁ କହିଥିଲେ।




# -ସଫଳା ଏକାଦଶୀ-





ପୌଷମାସ କୃଷ୍ଣ ପକ୍ଷ ଏକାଦଶୀକୁ ସଫଳା ଏକାଦଶୀ ବୋଲି କୁହାଯାଏ। ଏହି ଏକାଦଶୀ କରିବା ଦ୍ୱାରା ଶ୍ରୀକୃଷ୍ଣ ପ୍ରସନ୍ନ ହୋଇଥାନ୍ତି। ସଫଳା ଏକାଦଶୀରେ ଭଗବାନ ଶ୍ରୀହରିଙ୍କ ବିଭିନ୍ନ ନାମ ମନ୍ତ୍ର ଉଚ୍ଚାରଣ ଭଗବାନ ଲକ୍ଷ୍ମୀନାରାୟଣଙ୍କୁ ପୂଜାର୍ଚ୍ଚନା କରାଯାଏ। ସଫଳା ଏକାଦଶୀ ନିଷ୍ଠାର ସହ ପାଳନ କଲେ ହଜାର ବର୍ଷର ତପସ୍ୟାର ଫଳ ମିଳିଥାଏ ବୋଲି ଅନେକ କୁହନ୍ତି। ଏକଦା ଚମ୍ପାବତୀ ନଗରର ରାଜା ମହିଷ୍ମତଙ୍କ ପାଞ୍ଚୋଟି ପୁତ୍ର ଥିଲେ। ତାଙ୍କର ଜ୍ୟେଷ୍ଠ ପୁତ୍ର ଲୁମ୍ଭକ ସର୍ବଦା ସୁକର୍ମରେ ବ୍ୟସ୍ତ ରହୁଥିବା ଦେଖି ରାଜା ତାଙ୍କୁ ନଗରରୁ ବାହାର କରିଦେଲେ। ସେ ବଣଜଙ୍ଗଲରେ ବୁଲିବା ସହ ଚୋରି କରିବାକୁ ଲାଗିଲା। ଥରେ ଚୋରି କରୁଥିବା ସମୟରେ ନଗର ସିପାହୀଙ୍କ ହାତରେ ଧରାପଡ଼ିଗଲା। ଯେତେବେଳେ ସିପାହୀମାନେ ଜାଣିଲେ ଯେ ରାଜା ମହିଷ୍ମତଙ୍କ ଜ୍ୟେଷ୍ଠ ପୁତ୍ର ଲୁମ୍ଭକ ସେହି ସମୟରେ ତାଙ୍କୁ ଛାଡ଼ିଦେଲେ। ଲୁମ୍ଭକ ବଣକୁ ଫେରି ଗୋଟିଏ ପିପ୍ପଳ ବୃକ୍ଷତଳେ ଆଶ୍ରୟ ନେବା ସହ ଫଳମୂଳ ଖାଇ ବଞ୍ଚିବାକୁ ଲାଗିଲା। ଏକଦା ଅଜାଣତରେ ସେ ପୌଷମାସ କୃଷ୍ଣ ପକ୍ଷ ଏକାଦଶୀ ବ୍ରତ କଲା। ଦଶମୀରେ ବୃକ୍ଷର ଫଳ ଖାଇବା ସହ ବସ୍ତ୍ରହୀନ ହୋଇ ହୋଇ ରାତିଯାକ ଶୀତର ଜାଡ଼ରେ କଷ୍ଟ ଭୋଗିବାକୁ ଲାଗିଲା। ସୂର୍ଯ୍ୟୋଦୟ ହେଲା ଏକାଦଶୀ ଆରମ୍ଭ ହୋଇଗଲା କିନ୍ତୁ ସେ ପର୍ଯ୍ୟନ୍ତ ସେ ସେହିପରି ଅବସ୍ଥାରେ ଅଚେତ ଅବସ୍ଥାରେ ପଡ଼ିରହିଥାଏ। ହଠାତ୍ ଦ୍ୱିପହର ସମୟରେ ତାର ଚେତା ଫେରିବା ପରେ ସେ ବନକୁ ଗଲା ଓ ବହୁ ଫଳ ସଂଗ୍ରହ କରି ବିଶ୍ରାମ ସ୍ଥଳରେ ପହଞ୍ଚିଲା ସେହି ସମୟରେ ସୂର୍ଯ୍ୟାସ୍ତ ହୋଇଯାଇଥିଲା। ସେହି ସମୟରେ ପିପ୍ପଳ ବୃକ୍ଷ ନିକଟକୁ ଯାଇ କହିଲା ଏହି ଫଳରେ ଲକ୍ଷ୍ମୀପତି ଭଗବାନ ବିଷ୍ଣୁ ସନ୍ତୁଷ୍ଟ ହୁଅନ୍ତୁ। ଏପରି କହି ଲୁମ୍ଭକ ରାତିଯାକ ନ ଶୋଇ ରହିଲା। ଏହି ପ୍ରକାରେ ଅନାୟାସରେ ସେ ସଫଳା ଏକାଦଶୀ ବ୍ରତ ପାଳନ କଲା। ସେହି ସମୟରେ ରାଜକୁମାର ଲୁମ୍ଭକ! ସଫଳା ଏକାଦଶୀ ବ୍ରତର ପ୍ରଭାବରେ ତୁମେ ରାଜ୍ୟ ଏବଂ ପୁତ୍ର ପ୍ରାପ୍ତ କର ବୋଲି ଦିବ୍ୟବାଣୀ ଶୁଣିଲା। ଏହି ଦିବ୍ୟବାଣୀରେ ସେ ଧନ୍ୟ ହୋଇଗଲା। ସେବେଠାରୁ ସେ ଭଗବାନ ବିଷ୍ଣୁଙ୍କ ଭଜନ ଗାଇବାକୁ ଲାଗିଲଶ। ସେ ପନ୍ଦର ବର୍ଷ ପର୍ଯ୍ୟନ୍ତ ସଫଳତାପୂର୍ବକ ରାଜ୍ୟଶାସନ କରିବା ସହ ମନୋଜ ନାମକ ପୁତ୍ର ପ୍ରାପ୍ତ କଲା। ମନୋଜ ଯେବେ ଯୁବ ହୋଇଗଲା ସେ ରାଜ୍ୟକୁ ମନୋଜକୁ ସମର୍ପଣ କରି ଭଗବାନ ବିଷ୍ଣୁଙ୍କ ଭକ୍ତିରେ ସାମିଲ ହୋଇଗଲା। ଏହି ଏକାଦଶୀ ବ୍ରତ ପ୍ରଭାବରେ ସେ ବିଷ୍ଣୁଲୋକ ପ୍ରାପ୍ତ ହେଲା। ସଫଳା ଏକାଦଶୀର ବ୍ରତ ଅତି ମଙ୍ଗଳକାରୀ ଏବଂ ପୁଣ୍ୟଦାୟୀ ହୋଇଥାଏ। ଏହି ଏକାଦଶୀ କରିବା ଦ୍ୱାରା ଭକ୍ତକୁ ପୁଣ୍ୟ ମିଳିଥାଏ। ସଫଳା ଏକାଦଶୀ ଆଧ୍ୟାତ୍ମିକ ଚେତନାରେ ଏକ ସ୍ମରଣୀୟ ତିଥି। ଶାସ୍ତ୍ରରେ ଉଲ୍ଲେଖଥିବା ଏଗାରଟି ଏକାଦଶୀ ମଧ୍ୟରେ ସଫଳା ଏକାଦଶୀରେ ବିଷ୍ଣୁଙ୍କ ଉପାସନା ଦ୍ୱାରା ଅଶେଷ ପୂଣ୍ୟଫଳ ମିଳିଥାଏ। ଏହି ଦିନ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ରୀତିନୀତି ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ।

**-ଉତ୍କଳାନନ୍ଦ ଅଜୟ କୁମାର ବେହେରା**, 'ବରେଣ୍ୟ ବାଣୀ',
ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# କେନ୍ଦ୍ରାପଡା କଲେଜ ଥିଲା ଓଡିଶା ରାଜନୀତିର ପ୍ରୟୋଗଶାଳା



କେନ୍ଦ୍ରାପଡ଼ା (ପିଏନ୍): ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ଓ କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ କମିଟି ପକ୍ଷରୁ ପ୍ରାକ୍ତନ ଯାଜପୁର ସାଂସଦ ସ୍ୱର୍ଗତଃ ମୋହନ ଚରଣ ଜେନା ଓ ସମାଜସେବୀ ସେକ ୟୁସୁଫ(ମାସୁକ୍)ଙ୍କ ଅକାଳ ବିୟୋଗରେ ଏକ ମିଳିତ ଶୋକସଭା ସଭାପତି ପ୍ରଦୀପ କୁମାର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପବ୍ଲିକ ରିଡିଂ ରୁମ ପରିସରରେ ଅନୁଷ୍ଠିତ ଶୋକସଭାର ପ୍ରାରମ୍ଭରେ ଦୁଇ ଅମର ଆତ୍ମାର ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ବାଲିଯାତ୍ରା ମହୋତ୍ସବ କମିଟି ସମ୍ପାଦକ ସରକାରୀ ଓକିଲ ସଞ୍ଜୟ କୁମାର ଜେନା ଯୋଗଦେଇ କହିଲେ ଯେ କେନ୍ଦ୍ରାପଡା କଲେଜ ଥିଲା ରାଜନୈତିକ ବ୍ୟକ୍ତି ବିଶେଷଙ୍କ ପ୍ରୟୋଗଶାଳା। ଆଜି ଓଡିଶାର ପ୍ରତିଷ୍ଠିତ ରାଜନେତା କେନ୍ଦ୍ରାପଡା କଲେଜର ଛାତ୍ର ଜୀବନରୁ ତାଙ୍କର ରାଜନୀତି ଜୀବନ ଆରମ୍ଭ କରିଥିଲେ। ସେହିପରି ପ୍ରାକ୍ତନ ଯାଜପୁର ସାଂସଦ ସ୍ୱର୍ଗତ ମୋହନ ଚରଣ ଜେନା ତାଙ୍କର ରାଜନୀତି କେନ୍ଦ୍ରାପଡାରୁ ଆରମ୍ଭ କରିଥିଲେ। ଏଥିସହ ସେକ ୟୁସୁଫ (ମାସୁକ) ଥିଲେ ଜଣେ ସର୍ବହରା ସମାଜସେବୀ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ସଭାପତି କରୁଣାକର ଦାସ, କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦ ଉପସଭାପତି ରାମକୃଷ୍ଣ ଦାଶ ଓ ସଂପାଦକ ଶୁଭାଂଶୁ କୁମାର ଦାସ, ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସ, ବାଲିଯାତ୍ରା ମହୋତ୍ସବ କମିଟି ଉପସଭାପତି ଧିରେନ୍ଦ୍ର କୁମାର ଦାସ, ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା,ସୁବାଷ ରାଉତ, ରମାକାନ୍ତ ସ୍ୱାଇଁ, ଅକ୍ଷୟପ୍ରିୟ ଦାସ, ସତ୍ୟବ୍ରତ ସିଂ, ରମଣୀ ରଞ୍ଜନ ରାଉତରାୟ, ନିରଞ୍ଜନ ବଳ, ଗବେଷକ ନିରଞ୍ଜନ ମେକାପ, ଆମ ଗାଁ ସାହିତ୍ୟ ପରିଷଦ ସଂପାଦକ ସ୍ୱପ୍ନାଂଶୁ କୁମାର ଦାସ,୧୩ ନଂ ୱାର୍ଡର କାଉନସିଳର ସେକ ଅସଲାମ, ବସନ୍ତ ସେଠୀ, ଶ୍ରୀଧର ମହାନ୍ତି, ମନୋରଞ୍ଜନ ତ୍ରୀପାଠୀ , ରେଣୁବାଳା ସାମଲ, ବସନ୍ତ କୁମାର ପରିଡା, ଅନନ୍ତ କୁମାର ପ୍ରାତ୍ର, ସୁବାଷ ସାହୁ, ଅଞ୍ଜନା ମହାନ୍ତି, ରଞ୍ଜନ କୁମାର ପଣ୍ଡା, ଦୀପକ କୁମାର ସାହୁ, କଣ୍ଠ ଶିଳ୍ପୀ ଗୋଲକ ସେଠୀ, ସେକ ସୌକତ ଖାଁ, ଜିଲ୍ଲା ସଂଖ୍ୟା ଲଘୁ ସେଲ ସଭାପତି ସେକ ଚନ୍ଦନ ପ୍ରମୁଖ ଯୋଗଦେଇ ଦୁଇ ମହାନ ବ୍ୟକ୍ତିଙ୍କ ଜୀବନ ସଂଗ୍ରାମ ସଂପର୍କରେ ଆଲୋକପାତ କରିଥିଲେ।

# ଜାରକାର ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ପୂଜା ଆରମ୍ଭ



ଧର୍ମଶାଳା (ପିଏନ୍): ଧର୍ମଶାଳା ମହୋତ୍ସବ ପୂଜା କମିଟି ଆନୁକୁଲ୍ୟରେ ଜାରକା ବଜାରରେ ଗତକାଲିଠାରୁ ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ପୂଜା ଆରମ୍ଭ ହୋଇଛି। ମଣ୍ଡପରେ ଲକ୍ଷ୍ମୀନାରାୟଣଙ୍କ ଗଜଉଦ୍ଧାରଣ ମେଢ଼ ନିର୍ମାଣ ହୋଇଥିବା ବେଳେ ବିଭିନ୍ନ ଦେବାଦେବୀଙ୍କୁ ସ୍ଥାନିତ କରାଯାଇଛି। ଏଥିସହ ବିଭିନ୍ନ ପୌରାଣିକ, ଐତିହାସିକ ଓ ସାମାଜିକ କଥାବସ୍ତୁକୁ ମୂର୍ତି ମାଧ୍ୟମରେ ରୂପ ଦିଆଯାଇଛି। ମଣ୍ଡପ ସମ୍ମୁଖରେ ଏକ ସୁଦୃଶ୍ୟ ତୋରଣ ନିର୍ମାଣ ହୋଇଥିବା ବେଳେ ବଜାରର ସମସ୍ତ ପ୍ରବେଶ ପଥରେ ଆକର୍ଷଣୀୟ ଆଲୋକ ତୋରଣ ଓ ବଜାରକୁ ରଙ୍ଗିନ୍ ଆଲୋକମାଳାରେ ସଜ୍ଜିତ କରାଯାଇଛି। ସକାଳେ କଳସ ଅଧିବାସ, ପୂଜାରମ୍ଭ, ହୋମ, ଆଳତି, ପୁଷ୍ପାଂଜଳି ଆଦି କାର୍ଯ୍ୟକ୍ରମ ଯଥାବିଧି ସମ୍ପନ୍ନ ହୋଇଛି। ଗତକାଲି ଧନୁସଂକ୍ରାଂତି ଥିବାରୁ ମଣ୍ଡପ ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥିଲା। ବିଶେଷ କରି ଅଧିକ ସଂଖ୍ୟାରେ ମହିଳାମାନେ ଠାକୁରମାନଙ୍କ ପୂଜାର୍ଚ୍ଚନା କରିଥିଲେ। ସଂଧ୍ୟାରେ ଚହଟା ଗ୍ରାମବାସୀ ଭଜନ କିର୍ତନ ପରିବେଷଣ କରିଥିଲେ । ଆସଂାକାଲି ସୂର୍ଯ୍ୟପୂଜା, ହୋମ, ମହାଦୀପ, ଆଳତୀ ଓ ଚୋରମୁହାଁ ଗ୍ରାମବାସୀଙ୍କ ଦ୍ୱାରା ଭଜନ ପରିବେଷିତ ହେବ । ୧୮ ତାରିଖରେ ପୂଜା, ହୋମ, ପୁଷ୍ପାଂଜଳି, ଘଟ ବିସର୍ଜନ ଓ ବାଲିଗରି ଗ୍ରାମବାସୀ କୀର୍ତନ ପରିବେଷଣ କରିବେ । କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ପୁଲିସ୍ ମୁତୟନ, ପରିମଳ, ବିଦ୍ୟୁତ୍‌କରଣ ଓ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଆୟୋଜକ କମିଟିର ସଭାପତି ଜଳଧର ମହାଂ, ଉପସଭାପତି ଇନ୍ଦ୍ରମଣି ନାୟକ, ସଂପାଦକ ସତ୍ୟପ୍ରିୟ ମହାଂ, ସହସଂପାଦକ ଆନନ୍ଦ ବିହାରୀ ନାୟକ, କୋଷାଧ୍ୟକ୍ଷ ସୁଦୀପ୍ତ କୁମାର ସ୍ୱାଇଁ, ବରିଷ୍ଠ ସଦସ୍ୟ ରାଜକୁମାର ଶତପଥୀ, କିଶୋର ନାୟକ, ଅନିରୁଦ୍ଧ ରାଉତ, ସବ୍ୟସାଚୀ ବେହେରା, ଜଳଧର ସାହୁ, ରାମଚନ୍ଦ୍ର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ସୁଦାମ ଚରଣ ବେହେରା, ବିଚିତ୍ର ସ୍ୱାଇଁ, ଅଜୟ ନାୟକ, କ୍ଷୀରୋଦ ଚନ୍ଦ୍ର ମୁଦୁଲି, ମଦନ ମୋହନ ନାୟକ, ନିର୍ମଳ ପ୍ରଧାନ, ଆକୁଳି ସ୍ୱାଇଁ, ରବିନାରାୟଣ ସାହୁ, ପ୍ରତାପ କୁମାର ପ୍ରଧାନ, ମନୋଜ ଦାସ, ମାନସ ମହାନ୍ତି, କାଶିନାଥ ସାହୁ, ସବ୍ୟସାଚୀ ସୁନ୍ଦରାୟ, ଧରଣୀ ମହାନ୍ତି, ଗଙ୍ଗାଧର ମହାରଣା, ରବୀନ୍ଦ୍ର ମହାନ୍ତି, ଧନେଶ୍ୱର ସାହୁ, ପ୍ରମୋଦ ଜେନା ପ୍ରଫୁଲ୍ଲ କୁମାର ସାହାଣି, ଅନଂ ପ୍ରଧାନ ପ୍ରମୁଖ ଉତ୍ସବ ପରିଚାଳନା କରୁଛନ୍ତି। ଲକ୍ଷ୍ମୀନାରାୟଣଙ୍କ ପୂଜା ପାଇଁ ଜାରକା ଅଂଚଳ ଉତ୍ସବମୁଖର ହୋଇଉଠିଛି।

# ଭୁବନେଶ୍ୱର ବିୟୁଟିସିଆନ୍ ୱେଲ୍‌ଫେୟାର ଆସୋସିଏସନ୍‌ର ହାଇଡ୍ରା ଫେସିଆଲ୍ ଟ୍ରେନିଂ ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ଗତକାଲି ବୁଦ୍ଧ ମନ୍ଦିରଠାରେ ପୂର୍ବାହ୍ନ ୧୧ ଘଟିକା ସମୟରେ ଭୁବନେଶ୍ୱର ବିୟୁଟିସିଆନ୍ ୱେଲ୍‌ଫେୟାର ଆସୋସିଏସନ୍‌ର ଦେୟମୁକ୍ତ ହାଇଡ୍ରା ଫେସିଆଲ୍ ଟ୍ରେନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଭୁବନେଶ୍ୱର ବିୟୁଟିପାର୍ଲର ଆସୋସିଏସନ୍‌ର ସଭାପତି ଶ୍ରୀମତୀ ପ୍ରବୀଣା ତ୍ରିପାଠୀଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିବା ଏହି ଟ୍ରେନିଂ କାର୍ଯ୍ୟକ୍ରମରେ କଲିକତାର ଡକ୍ଟର ପାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ ଡକ୍ଟର ସୁବର୍ଣ୍ଣା ଚାଟାର୍ଜୀ ଅଧିକାରୀ ବ୍ୟୁଟିସିଆନ୍ ମାନଙ୍କୁ ସ୍କିନ୍ ଓ ହେୟାର ଉପରେ ଉଭୟ ଡକ୍ଟର ଓ ନନ୍ ଡକ୍ଟର ସେବା ଟ୍ରିଟ୍‌ମେଣ୍ଟ ଉପରେ ଶିକ୍ଷା ଦେଇଥିଲେ। ବିୟୁଟିସିଆନ୍ ମାନଙ୍କୁ ବାଚ୍ ବାଚ୍ କରି ଅଫ୍ ସିଜିନ୍‌ରେ ସମ୍ପୂର୍ଣ୍ଣ ମାଗଣାରେ ଟ୍ରେନିଂ ଦେଇ ଆଡ୍‌ଭାନ୍ସ ନଲେଜ୍ ହାସଲ କରି ବର୍ତ୍ତମାନ ଚାରିଆଡେ କଷ୍ଟମର ମାନଙ୍କର ହାଇଡ୍ରା ଫେସିଆଲ୍ ଡିମାଣ୍ଡକୁ ପୂରଣ କରିବା ପାଇଁ ସକ୍ଷମ କରିବା ଆଜିର ଏହି ଟ୍ରେନିଂ ଦିଆଯାଉଛି ବୋଲି କହିଛନ୍ତି ଆସୋସିଏସନର ସାଧାରଣ ସମ୍ପାଦିକା ବନଜା ପ୍ରଧାନ। ଆମେ ପୁରା ମାଗଣାରେ ଆମ ଆସୋସିଏସନର ସମସ୍ତ ଭଉଣୀମାନଙ୍କୁ ଟ୍ରେନିଂ ଦେଇ ଶିକ୍ଷିତ କରି ଉଚିତ୍ ଢଙ୍ଗରେ, ଉଚିତ୍ ମାର୍ଗରେ ଓ ଉଚିତ୍ ପ୍ରୟୋଗରେ ବିଜ୍‌ନେସ୍ ବଢାଇବାକୁ ସକ୍ଷମ କରିଛୁ, ନନ୍ ସର୍ଜିକାଲ୍ ଟ୍ରିଟ୍‌ମେଣ୍ଟର ସବୁ ଶିକ୍ଷା ଦେଉଛୁ। ହାଇଡ୍ରା ଫେସିଆଲ୍ ଗୋଟେ ଡକ୍ଟର ଟ୍ରେଡ୍‌ର ପାଠ। ଟ୍ରେନିଂ ପାଇଁ ସମସ୍ତେ ନଲେଜ୍ ଗେନ୍ କରି ନିଜ ନିଜ କାର୍ଯ୍ୟରେ ପ୍ରୟୋଗ କରି ସୁନାମ ଅର୍ଜନ କରନ୍ତୁ ବୋଲି କହିଛନ୍ତି ଆସୋସିଏସନ୍‌ର ସଭାପତି ପ୍ରବୀଣା ତ୍ରିପାଠୀ। ଆଗକୁ ଭୁବନେଶ୍ୱର ବିୟୁଟିସିଆନ୍ ଆସୋସିଏସନ୍ ତରଫରୁ ଖୁବ୍ ଶୀଘ୍ର ଏକ ଆୱାର୍ଡ ସେରିମୋନି ଉତ୍ସବ ପାଳନ ହେବାକୁ ଯାଉଛି ବୋଲି ସୂଚନା ଦେଇ ବହୁ ବିୟୁଟିସିଆନ୍ ମାନେ ଦୀର୍ଘବର୍ଷ ହେଲା କାମ କରି ଭଲ ଖ୍ୟାତି ଅର୍ଜନ କରିଥିବା ବିୟୁଟିସିଆନ୍ ମାନଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର ଉତ୍ସବରେ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି କହିଛନ୍ତି ସଭାପତି ଶ୍ରୀମତୀ ତ୍ରିପାଠୀ । ଏହି ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ କରି ଭୁବନେଶ୍ୱର ବିୟୁଟିସିଆନ୍ ଆସୋସିଏସନ୍ ଓଡ଼ିଶାରେ ତା'ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଯାଉଛି ବୋଲି ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଛନ୍ତି । ସେହିପରି ମୁଁ ବହୁତ ଥର ଭୁବନେଶ୍ୱର ଆସି ବିୟୁଟିସିଆନ୍ ମାନଙ୍କୁ ଟ୍ରେନିଂ ଦେଇଛି, ମୋର ବହୁତ ଲୋକ ସମ୍ପର୍କ ଭୁବନେଶ୍ୱରରେ ଅଛି, ମୁଁ ସ୍ପେସିଆଲି ସ୍କିନ୍ ଓ ହେୟାର ଉପରେ ପ୍ରପର ନଲେଜ ଦେଇଥାଏ । ହାଇଡ୍ରା ଫେସିଆଲ୍ ଗୋଟେ ଆଡ୍‌ଭାନ୍ସ କୋର୍ସ । ଆଜିର ମାର୍କେଟରେ ହାଇଡ୍ରା ଫେସିଆଲ୍‌ର ବହୁତ ଡିମାଣ୍ଡ ଅଛି । ଭୁବନେଶ୍ୱର ବିୟୁଟିସିଆନ୍ ଆସୋସିଏସନ୍ ମୋତେ ପଇସା ଖର୍ଚ୍ଚ କରି ଟ୍ରେନିଂ କ୍ଲାସ ଦେବାକୁ ପ୍ରପର ନଲେଜ୍ ସେୟାର କରିବାକୁ ଏଠିକି ଡାକିଛନ୍ତି ବୋଲି କହିଛନ୍ତି ଡକ୍ଟର ପାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ ଡକ୍ଟର ସୁବର୍ଣ୍ଣା ଚାଟାର୍ଜୀ ଅଧିକାରୀ। ହାଇଡ୍ରା ଫେସିଆଲ୍ କ୍ଲାସ ଆମକୁ ଗୋଟେ ନୂଆ ଶିକ୍ଷା ଦେଇଛି, ଆମେ ଏହି ଶିକ୍ଷାକୁ ଅନ୍ୟମାନଙ୍କୁ ଶିଖାଇବୁ। ମାର୍କେଟରେ ଥିବା ଡିମାଣ୍ଡକୁ ଏହି ଶିକ୍ଷା ପ୍ରୟୋଗ କରିବୁ ଏବଂ ଆମେ ଏହି ଟ୍ରେନିଂ ପାଇ ଖୁସି ଅଛୁ। ଫ୍ରିରେ ଏହି କୋର୍ସ କରି ଭଲ ଲାଗୁଛି ବୋଲି କହିଛନ୍ତି ଆସୋସିଏସନ୍‌ର ସଦସ୍ୟା ଦିବ୍ୟାନ୍ତ ଦାସ ଓ ଭବାନୀ ମହାନ୍ତି।

## ପତ୍ନୀଙ୍କୁ ପୋଡ଼ି ହତ୍ୟା ଉଦ୍ୟମରେ ସ୍ୱାମୀ ଗିରଫ



ଫୁଲନଖରା (ପିଏନ୍)-ପତ୍ନୀଙ୍କୁ ନିଆଁରେ ପୋଡ଼ି ହତ୍ୟା କରିବାକୁ ଉଦ୍ୟମ କରିବା ଅଭିଯୋଗରେ ସଦର ଥାନା ପୁଲିସ ତେଲେଙ୍ଗାପେଣ୍ଠ ଅନ୍ତର୍ଗତ ନଛିପୁର ଅଞ୍ଚଳର କଳିଙ୍ଗ ଦାସ (୫୦)କୁ ଗିରଫ କରିଛି। ଗତ ୧୧ ତାରିଖରେ ହୋଇଥିବା ଅଭିଯୋଗ ମୁତାବକ ତାଙ୍କୁ ଅଧିକାଂଶ ସମୟରେ ମାରଧର ସହିତ ମାନସିକ ନିର୍ଯ୍ୟାତନା ଦିଆଯାଉଥିବା କଳିଙ୍ଗ ଦାସଙ୍କ ପତ୍ନୀ ବବିତା ଦାସ ଥାନାରେ ଜଣାଇଛନ୍ତି, ଏପରିକି ତାଙ୍କ ଶରୀରରେ ନିଳା ଲଗାଇ ପୋଡ଼ି ମାରିଦେବାକୁ ମଧ୍ୟ ଉଦ୍ୟମ ହୋଇଥିବା ସେ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିଥିଲା ଏବଂ ତଦନ୍ତ କରି ଅଭିଯୁକ୍ତ କଳିଙ୍ଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ପୁଲିସ ଅଧିକାରୀ ରୀନା ମିଶ୍ର ଜଣାଇଛନ୍ତି। ଅନ୍ୟପକ୍ଷରେ କଳିଙ୍ଗ ନାମରେ ପୂର୍ବରୁ ସଦର ଥାନାରେ ଏକ ମାମଲା ରହିଥିବା ସୂଚନା ମିଳିଛି।

## ଦୁର୍ଘଟଣାରେ ୩ ଗୁରୁତର

ଧର୍ମଶାଳା (ପିଏନ୍): ଧର୍ମଶାଳା-କବାଟବନ୍ଧ ରାସ୍ତାର ଗଙ୍ଗାଧରପୁର ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗତକାଲି ମଧ୍ୟାହ୍ନରେ ଏକ ସାଇକଲ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ସାଇକଲ ଚାଳକ ସ୍ଥାନୀୟ ନୂଆଗାଁର ଟିମା ଚାନ୍ଦ (୬୪), ବାଇକ୍ ଚାଳକ ଅଣ୍ଟିଆ ଗ୍ରାମର ବସନ୍ତ ପ୍ରଧାନ (୩୨) ଓ କୃଷ୍ଣପଶି ଗାଁର ଟୁଲୁ ମଲିକ(୩୫) ଆହତ ହୋଇଥିଲେ । ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବା ଟିମା ଓ ବସନ୍ତଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

# ଜିଲ୍ଲାପରିଷଦର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ



କେନ୍ଦୁଝର (ପିଏନ୍): ଷଷ୍ଠ ଜିଲ୍ଲା ପରିଷଦର ସ୍ୱତନ୍ତ୍ର ଅଧିବେଶନ ଚଳିତ ଡିସେମ୍ବର ୧୬ ତାରିଖ ଶୁକ୍ରବାର ଦିନ ଜିଲ୍ଲାପରିଷଦ ସଭାପତି ଶ୍ରୀମତୀ ସାଗରିକା ସାହୁଙ୍କ ଅଧକ୍ଷତାରେ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧକ୍ଷ ଜଗନ୍ନାଥ ନାଏକ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ, ଜିଲ୍ଲାପାଳ ଆଶିଷ ଠାକରେ, ବନଖଣ୍ଡ ଅଧିକାରୀ କେନ୍ଦୁଝର ଧନରାଜ ଏଚ୍.ଡି, ଆନନ୍ଦପୁର ବନଖଣ୍ଡ ଅଧିକାରୀ ଆନନ୍ଦପୁର ଅଭୟ କୁମାର ଦଳେଇ, ଜିଲ୍ଲାପରିଷଦ ଉପାଧକ୍ଷ ସୋମନାଥ ଦାସ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ସମେତ ଜିଲ୍ଲାପରିଷଦର ସଦସ୍ୟ/ସଦସ୍ୟା ତଥା ଲାଇନ୍ ଡିପାର୍ଟମେଂଟ୍‌ର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅଧିବେଶନରେ ଉଦ୍‌ବୋଧନ ଦେଇ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସାହୁ ସ୍ୱତନ୍ତ୍ର ଅଧିବେଶନର ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ଆଲୋଚନା ଆରମ୍ଭ କରିଥିଲେ । ଏହି ଅଧିବେଶନର ବିଶେଷତଃ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ନିମନ୍ତେ ଧାର୍ଯ୍ୟ କରାଯାଇଥିବା ୯ ଗୋଟି ବିଷୟ ଉପରେ ଆଲୋଚନା ହୋଇଥିଲା । ଏଥିରେ ପଂଚାୟତିରାଜ ଉନ୍ନୟନ ଯୋଜନା-୨୦୨୩-୨୪ ବର୍ଷ ପାଇଁ ଯୋଜନା ପ୍ରସ୍ତୁତି ନିମନ୍ତେ ସଦସ୍ୟମାନଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଂଚାୟତିରାଜ ଅନୁଷ୍ଠାନର ପ୍ରତିନିଧିମାନଙ୍କର ଭୂମିକା ସଂପର୍କରେ ଆଲୋଚନା କରାଯାଇଥିଲା । ଏତଦ୍‌ବ୍ୟତୀତ ବିଭିନ୍ନ ଲାଇନ୍ ଡିପାର୍ଟମେଂଟ୍‌ର ଅଧିକାରୀମାନେ କିପରି ପଂଚାୟତିରାଜ ଉନ୍ନୟନ ଯୋଜନାର ସଫଳ ରୂପାୟନ ପାଇଁ ଭୂମିକା ନିଭାଇବେ ସେ ସଂପର୍କରେ ଅବଗତ କରାଯାଇଥିଲା ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଦେଶର ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ଖାଦ୍ୟ ଶସ୍ୟ ଅଛି

ନୂଆଦିଲ୍ଲୀ: ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନଏସଏଫଏ)ର ଆବଶ୍ୟକତା, ଏହାର ଅନ୍ୟାନ୍ୟ କଲ୍ୟାଣକାରୀ କାର୍ଯ୍ୟକ୍ରମ ତଥା ପିଏମ୍‌ଜିକେଓ୍ୱାଇ ଅଧୀନରେ ଅତିରିକ୍ତ ଆବଂଟନ ପାଇଁ ଭାରତ ସରକାରଙ୍କ ନିକଟରେ ଯଥେଷ୍ଟ ଖାଦ୍ୟଶସ୍ୟ ମହଜୁଦ ରହିଛି । ଜାନୁୟାରୀ ପହିଲା ୨୦୨୩ ସୁଦ୍ଧା ବଳକା ଖାଦ୍ୟଶସ୍ୟ ମାନଦଣ୍ଡ ଅନୁଯାୟୀ ୧୩୮ଏଲଏମଟି ଗହମ ଓ ୭୬ଏଲ୍ ଏମ୍‌ଟି ଚାଉଳର ଆବଶ୍ୟକତା ରହିଥିବାବେଳେ ଏହି ସମୟ ସୁଦ୍ଧା ୧୫୯ଏଲଏମ୍‌ଟି ଗହମ ଓ ୧୦୪ ଚାଉଳ ଉପଲବ୍ଧ ହେବ । ୧୫, ୧୨. ୨୦୨୨ ସୁଦ୍ଧା ପ୍ରାୟ ୧୮୦ ଏଲଏମ୍‌ଟି ଗହମ ଓ ୧୧୧ ଏଲ୍‌ଏମଟି ଚାଉଳ କେନ୍ଦ୍ରୀୟ ପୁଲରେ ଉପଲବ୍ଧ ରହିଛି। ବଳକା ସାମଗ୍ରୀ ମହଜୁଦ ମାନଦଣ୍ଡ ବର୍ଷର ଏପ୍ରିଲ ପହିଲା, ଜୁଲାଇ ପହିଲା, ଅକ୍ଟୋବର ଓ ଜାନୁୟାରୀ ପହିଲାକୁ ଧାର୍ଯ୍ୟ କରାଯାଇଥାଏ। କେନ୍ଦ୍ରୀୟ ପୁଲରେ ଗହମ ଓ ଚାଉଳ ମହଜୁଦ ପରିମାଣ ସବୁବେଳେ ମହଜୁଦ ମାନଦଣ୍ଡଠାରୁ ଉର୍ଦ୍ଧ୍ୱରେ ରହିଛି। ଅକ୍ଟୋବର ପହିଲା ୨୦୨୨ ସୁଦ୍ଧା ପ୍ରାୟ ୨୨୭ଏଲଏମ୍ ?ଟି ଗହମ ଓ ୨୦୫ ଏଲଏମଟି ଚାଉଳ ମହଜୁଦ ଥିବାବେଳେ ଏହାର ମହଜୁଦ ସୀମା ସେହି ସମୟ ସୁଦ୍ଧା ହେଉଛି ଯଥାକ୍ରମେ ୨୦୫ଏଲଏମଟି ଗହମ ଓ ୧୦୩ ଏଲଏମଟି ଚାଉଳ। ଜାନୁୟାରୀ ପହିଲା ୨୦୨୩ ସୁଦ୍ଧା ମହଜୁଦ ସୀମାଠାରୁ ଅଧିକ ଖାଦ୍ୟଶସ୍ୟ ଉପଲବ୍ଧ ହେବ।

ଗତବର୍ଷ କମ୍ ଉତ୍ପାଦନ ଓ ଚାଷୀମାନେ ନ୍ୟୁନତମ ସହାୟକ ମୂଲ୍ୟରୁ ଅଧିକ ଦରରେ ଭୂରାଜନୈତିକ ପରିସ୍ଥିତି ଯୋଗୁଁ ଗହମ ବିକ୍ରି କରିଥିଲେ ମଧ୍ୟ ଦେଶରେ ଆଗାମୀ ଗହମ ଉତ୍ପାଦନ ପର୍ଯ୍ୟନ୍ତ କେନ୍ଦ୍ରୀୟ ପୁଲରେ ଦେଶର ଆବଶ୍ୟକତା ମେଂଟାଇବା ନିମନ୍ତେ ଯଥେଷ୍ଟ ଗହମ ମହଜୁଦ ରହିଛି। ଏହାଛଡା ଏନ୍‌ଏଫଏସ୍‌ଏ ଓ ପିଏମଜିକେଏଓ୍ୱାଇ ଅଧୀନରେ ହେଉଥିବା ଆବଣ୍ଟନ ଚାଉଳ ପାଇଁ ସଂଶୋଧନ କରାଯାଇଛି । କାରଣ ବିଭିନ୍ନ କଲ୍ୟାଣମୂଳକ ଯୋଜନା ବାବଦକୁ କେନ୍ଦ୍ରୀୟ ପୁଲରେ ଯଥେଷ୍ଟ ଗହମ ଉପଲବ୍ଧ ରହିଛି ।

ଭାରତ ସରକାର ଚଳିତବର୍ଷ ଗହମର ନୂନତମ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୧୨୫ ଟଙ୍କାକୁ ବୃଦ୍ଧି କରିଛନ୍ତି। ୨୦୨୨-୨୩ ରବି ବଜାର ଋତୁ (ଆରଏମ୍‌ଏସ୍)ରେ ଏହା କ୍ୱିଣ୍ଟାଲ ପିଛା ୨୦୧୫ ଟଙ୍କା ଥିଲା । କ୍ୱିଣ୍ଟାଲ ପିଛା ୧୧୦ଟଙ୍କା ବୃଦ୍ଧି ସହ ଉତ୍ତମ ପାଣିପାଗ ଯୋଗୁଁ ଆଗାମୀ ଋତୁରେ ଗହମ ଉତ୍ପାଦନ ଓ ସଂଗ୍ରହ ସ୍ୱାଭାବିକ ହେବା ଆଶା କରାଯାଉଛି । ଗହମ ସଂଗ୍ରହ ଆସନ୍ତାବର୍ଷ ଏପ୍ରିଲରୁ ଆରମ୍ଭ ହେବାକୁ ଥିବାବେଳେ, ଗତଥର ତୁଳନାରେ ଏଥର ଅଧିକ ଜମିରେ ଗହମ ଚାଷ ହୋଇଥିବା ଜଣାପଡିଛି। ଦେଶବ୍ୟାପୀ ବିଭିନ୍ନ କଲ୍ୟାଣକାରୀ ଯୋଜନା ନିମନ୍ତେ କେନ୍ଦ୍ରୀୟ ପୁଲରେ ଯଥେଷ୍ଟ ଖାଦ୍ୟଶସ୍ୟ ଥିବା ତଥା ଦର ନିୟନ୍ତ୍ରଣରେ ରଖିବା ବିଷୟକୁ ଭାରତ ସରକାର ସବୁବେଳେ ସୁନିଶ୍ଚିତ କରି ଆସୁଛନ୍ତି।

# କାଲିମେଲାରେ ଯୁକ୍ତ ୩ ଛାତ୍ରୀଙ୍କ ଆତ୍ମହତ୍ୟା

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ସଦର ମହକୁମା ବୁଦୁଗୁଡା ସାହିରେ ଆଜି ଜଣେ ଯୁକ୍ତ ୩ ରେ ପଢୁଥିବା ଛାତ୍ରୀ ସେ ରହୁଥିବା ଭଡା ଘରେ ବେକରେ ଓଢଣୀ ଦେଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। କାଲିମେଲା ଗୋପବନ୍ଧୁ ଆଂଚଳିକ ମହାବିଦ୍ୟାଳୟର ଯୁକ୍ତ ୩ରେ ପଢୁଥିବା



ତିନି ଜଣ ଛାତ୍ରୀ ବୁଦୁଗୁଡ଼ା ଗ୍ରାମର ବୁଜି ଗୌଡ଼ ନାମକ ବ୍ୟକ୍ତିଙ୍କ ଘରେ ଏକ ମାସ ଧରି ଭଡ଼ା ନେଇ ରହୁଥିଲେ। ସେଠାରେ ରହୁଥିବା ତିନି ଜଣ ଛାତ୍ରୀଙ୍କ ମଧ୍ୟରୁ ଜଣେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଛାତ୍ରୀ ଜଣକ ପଡ଼ିଆ ବ୍ଲକ ଶିମିଳିବାଞ୍ଚା ପଂଚାୟତ ଏମଭି ୬୧ ଗ୍ରାମର ଚନ୍ଦନା ବିଶ୍ୱାସ । ଗତକାଲି ମଧ୍ୟରାତ୍ରରେ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି । ଚନ୍ଦନା ଯୁକ୍ତ ୩ର ପ୍ରଥମ ବର୍ଷ ଛାତ୍ରୀ ବୋଲି ତାଙ୍କ ସହ ଭଡାରେ ରହୁଥିବା ଦୁଇଜଣ ଛାତ୍ରୀ ପ୍ରକାଶ କରିଛନ୍ତି ।ସେମାନଙ୍କ କହିବାନୁଯାୟୀ, ସମସ୍ତେ ରାତିରେ ଖାଇ ସାରିବା ପରେ ଗୋଟିଏ ଘରେ ଶୋଇଥିଲେ । ଦୁହେଁ ସକାଳୁ ଉଠି ଚନ୍ଦନା ଘରେ ନଥିବା ଦେଖି ଚନ୍ଦନା ଶୌଚାଳୟ ଯାଇଥିବା ଭାବିଥିଲେ । ତେବେ କିଛି ସମୟ ପରେ ଭିତର ଘର ଖୋଲିଦେଖିବା ବେଳକୁ ସେ ବେକରେ ଓଢଣୀ ବାନ୍ଧି ଆତ୍ମହତ୍ୟା କରିଛି। ତୁରନ୍ତ ଦୁଇଛାତ୍ରୀ ଏ ବାବଦରେ ଘର ମାଲିକଙ୍କୁ ଜଣାଇଥିଲେ। ଖବର ପାଇ କାଲିମେଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ଖବର ଦେବାପରେ ଶବକୁ ତଳକୁ ଓହ୍ଲାଇ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ଡିଏମଏଫ ଫଣ୍ଡରୁ ଆରଏମସିକୁ ଆସିଥିବା ୭୦ ଖଣ୍ଡ ବସ୍ ର ପତା ମିଳୁନି, ପୁଣି ଆସିବ ୧୦୦ ବସ୍

**ରାଉରକେଲା, (ପିଏନ)-** ରାଉରକେଲା ମହାନଗର ନିଗମକୁ ଜିଲ୍ଲା ଖଣିଜ ପାଠିଂରୁ ୩ ବର୍ଷ ତଳେ ଆସିଥିବା ୭୦ ଖଣ୍ଡ ବସ ର କିଛି ଦିନ ହେଲା ଖୋଜ ଖବର ମିଳୁନି, ଆରଏମସିର ଟ୍ରାନ୍ସପୋର୍ଟ ବିଭାଗ କହୁଛି ଏନେଇ ଆମେ କିଛି ଜାଣିନୁ, ହେଲେ ବସ ସବୁ ଗଲା କୁଆଡେ ସେନେଇ ଜିଲ୍ଲାପ୍ରଶାସନ ଉତର ରଖିପାରୁ ନଥିବା ବେଳେ ପୁଣି ୧୦୦ ଖଣ୍ଡ ବସ ସହରକୁ ମୋ ବସ ଯୋଜନାରେ ଆସିବାକୁ ଯାଉଥିବା ଖବର ମିଳିଛି ।

ଅନୁସନ୍ଧାନରୁ ଜଣାପଡିଛି ଯେ, ରାଉରକେଲାରୁ ଗ୍ରାମାଂଚଳ ଲାଗି ଯାତାୟତ ନେଇ ୩ ବର୍ଷ ତଳେ ଜିଲ୍ଲା ଖଣିଜ ପାଠିଂରୁ ୭୦ ଖଣ୍ଡ ବସ ମହାନଗର ନିଗମକୁ ପ୍ରଦାନ କରାଯାଇଥିଲା । ଏହି ସବୁ ବସ ସହରରୁ ବିଭିନ୍ନ ଗ୍ରାମାଂଚଳକୁ ଯାତାୟତ କରୁଥିଲା, ଲୋକେ ଏଥିରେ ଉପକୃତ ମଧ୍ୟ ହେଉଥିଲେ, ହେଲେ ଗତ କିଛିଦିନ ହେଲା ସେହି ସବୁ ବସ କୁଆଡେ ଗଲା ତାର ଖୋଜ ଖବର ମିଳୁନାହିଁ । ଏନେଇ ଆରଟିଆଇରେ ତଥ୍ୟ ମଗାଜିବାରୁ ଆରଏମସି କହୁଛି ତା ନିକଟରେ ଏନେଇ କିଛି ଖବର ନାହିଁ , ତେବେ କୋଟି କୋଟି ଟଙ୍କାର ଏହି ବସ ସବୁ କୁଆଡେ ଗଲା, ଏହା ଦାୟିତ୍ୱରେ କିଏ ଥିଲେ ଯଦି ଡିଏମଏଫ ବସ ଦେଇଛି ସେ ସବୁ ଚାଲୁଥିଲା ତେବେ ହଠାତ ଏଭଳି ଉଭାନ କେମିତି ହୋଇଗଲା ବୋଲି ପ୍ରଶ୍ନ ହେଉଛି । ଖବରରୁ ଜଣାପଡିଛି ଯେ, ସେତେବେଳେ ବସ ପିଛା ପ୍ରାୟ ୩୦ ଲକ୍ଷ ହିସାବରେ ୭୦ ଖଣ୍ଡ ବସ ଲାଗି ପ୍ରାୟ ୨୧ରୁ ୨୨ କୋଟି ବିନିଯୋଗ ହୋଇଥିଲା, ପରେ କିଛିଦିନ ଏସବୁ ବସ ଚାଲିବା ପରେ ରାଉରକେଲାର ଜଣେ ବସ ମାଲିକଙ୍କୁ କୁଆଡେ ଏସବୁ ବସ୍ ଚଲାଇବା ଲାଗି ଦିଆଯାଇଥିଲା, ସେଥିଲାଗି ତାଙ୍କୁ ଆରଏମସିରୁ ଅର୍ଥ ପ୍ରଦାନ କରାଯାଉଥିଲା । ଏହି ସବୁ କାରବାର ଆରଏମସିରେ ଥିବା ପିଏମୟୁ ୟୁନିଟ ବୁଝାସୁଝା କରୁଥିଲା । ଏହି ୟୁନିଟକୁ ଏଠାରେ କିଛି ଆଇଏଏସ ବାବୁ ମାନଙ୍କୁ କରିବା ଲାଗି ରଖାଜିବା ସହ ଆରଏମସିରେ ହେଉଥିବା ବିଭିନ୍ନ କାମରେ ଏହି ୟୁନିଟର କାର୍ଯ୍ୟ ସନ୍ଦେହଘେରରେ ରହିଛି । କୌଣସି ଆବଶ୍ୟକତା ନଥାଇ କେବଳ କିଛି ବାବୁ ମାନଙ୍କ ମନ ରଖିବା, ଭିଡିରି କାରା, କିଛି ବାବୁଙ୍କୁ ବାର କ୍ଲବରେ ମଜା ଦେବା ଓ ଚୁଗୁଲି ଲାଗି ଏହି ୟୁନିଟ ଏଠାରେ ରଖାଜିବା ସହ ଲକ୍ଷ ଲକ୍ଷ ଟଙ୍କା ଶ୍ରାଦ୍ଧ କରାଯାଉଥିବା କୁହାଯାଉଛି । ଏବେ ବସ ଯୋଜନା କଥାରେ ମଧ୍ୟ ଏହି ୟୁନିଟ କଥା ଆସିଲାଣି, ହେଲେ ବାବୁ ମାନେ ଏନେଇ ପୁରା ନିରବ ଥିବା ବେଳେ ରାଉରକେଲା ଭିଜିଲାନ୍ସ ଏ ଦିଗରେ ତଦନ୍ତ କରିବାକୁ ଦାବି ହେଉଛି ।

## ବଡ଼ଯାତ୍ରା ପାଳନ ନେଇ ପ୍ରସ୍ତୁତି ବୈଠକ

**ମାଲକାନଗିରି,(ପିଏନ)-** ମାଲକାନଗିରି ଜିଲ୍ଲାର ଗଣପର୍ବ 'ବଡ ଯାତ୍ରା' ଆସନ୍ତା ମାର୍ଚ୍ଚ ମାସ ୪ ତାରିଖ ଠାରୁ ମାଲକାନଗିରିରେ ୪ ଦିନ ଧରି ଅନୁଷ୍ଠିତ ହେବ ବୋଲି ଆଜି ମାଲକାନଗିରି ତହସିଲଦାରଙ୍କ କାର୍ଯ୍ୟାଳୟରେ ଏକ ବୈଠକରେ ବଡ ଯାତ୍ରାରେ ମୁଖ୍ୟ ପୂଜକ ସୂଚନା ଦେଇଛନ୍ତି।

ନିଷ୍ପତି ଅନୁଯାୟୀ, ଫେବ୍ରୁଆରୀ ୭ ତାରିଖ ଦିନ ପ୍ରଥମେ ମାଲକାନଗିରିରେ ଏକ ମାସ ଧରି ଅନୁଷ୍ଠିତ ହେଉଥିବା କାନମରାଜୁ, ବାଲରାଜୁ ଓ ପୋତରାଜୁଙ୍କୁ ଏହି ମହାନ ବଡ ଯାତ୍ରା ପୂଜା କରାଯିବ। ଆସନ୍ତା ଫେବୃଆରୀ ୭ ତାରିଖ ଦିନ ପ୍ରଥମେ ପୂଜାରୀ ମାନେ ମାଲକାନଗିରି ଠାରୁ ମାନ୍ୟମକୋଣ୍ଡା ଗମନ କରିବେ ଏବଂ ଆଗାମୀ ଫେବ୍ରୁଆରୀ ୨୭ ତାରିଖ ଦିନ ମାନ୍ୟମ କୋଣ୍ଡା ଓ ଆନ୍ଧ୍ରପ୍ରଦେଶର ପୋଲେରୁରେ ସ୍ନାନ ସାରି କାଲିମେଲା ଦେଇ ମାର୍ଚ୍ଚ ୪ ତାରିଖ ଦିନ କନ୍ୟାମାଝୀ ବନ୍ଧରେ ଯାତ୍ରା ଆରମ୍ଭ ହେବା ସହ ୫ ତାରିଖରେ ମାଣ୍ଡିଆ ଭଟା, ୬ ତାରିଖରେ ମାଉଳି ମା ଓ ୭ରେ ଯାତ୍ରା ଶେଷ ହେବ। ତେବେ ୪ ଦିନ ଧରି ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ ଭକ୍ତଙ୍କ ସମାଗମ ହେବାର ଆଶଙ୍କା ଥିବାରୁ ଭକ୍ତ ମାନେ କିପରି ସୁରୁଖୁରୁରେ ଦର୍ଶନ କରିପାରିବେ ସେଥି ନିମନ୍ତେ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯିବା ନେଇ ଆଜି ମୁଖ୍ୟ ପୂଜାରୀ ବିନୟ ଶତପଥୀ ଓ ରାଜୁ ପୂଜାରୀଙ୍କ ସହ ଆଲୋଚନା କରାଯାଇଥିଲା।

## ବାଇକ୍ ଦୁର୍ଘଟଣାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ନୂଆପଡ଼ା,(ପିଏନ)-** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅନ୍ତର୍ଗତ କେନ୍ଦୁମୁଣ୍ଡା ପଂଚାୟତ ବଡ଼ଦରଲୀପଡା ନାଲା ପୋଲରେ ଏକ ବାଇକ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିବା ଜଣାପଡିଛି। ମୃତ ବ୍ୟକ୍ତି ଜଣକ ଛତିଶଗଡ଼ ଇନ୍ଦାଗାଁ ର ନନ୍ଦୁ ଯାଦବ(୩୨) ଓ ଗୁରୁତର ସ୍ତ୍ରୀ ସେବତୀ ଯାଦବ (୨୮) ବୋଲି ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ, ସ୍ଥାନୀୟ ଧୁଙ୍ଗିଆମୁଣ୍ଡା ଠାରେ ଧନୁଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ସ୍ୱାମିସ୍ତ୍ରୀ ଶ୍ୱଶୁର ଘର କୁଳିଆପଥରକୁ ଆସିଥିଲେ। ସେମାନେ ଧନୁଯାତ୍ରା ଦେଖିବାକୁ ଯାଉଥିବା ବେଳେ ବଡ଼ଦରଲୀପଡା ନିକଟରେ ଥିବା ଏହି ପୋଲରେ ବାଇକ ଦୁର୍ଘଟଣାରେ ଉଭୟ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ଖବର ପାଇ ତାଙ୍କୁ ଉଦ୍ଧାର କରିଥିଲେ। ହେଲେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଖବର ପାଇ ସିନାପାଲି ପୁଲିସ ଘଟଣାସ୍ଥଳରେ ପହଂଚି ମୃତ ଶରୀର ଜବତ କରିଥିଲା। ବର୍ତମାନ ମୃତ ଶରୀରକୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ଜଣାପଡିଛି। ଅନ୍ୟପକ୍ଷରେ ଗୁରୁତର ସ୍ତ୍ରୀ ସେବତୀକୁ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।

# ୬ ଜାନୁୟାରୀରୁ ଦକ୍ଷିଣ ଓଡିଶା ନାଟକ ମହୋତ୍ସବ

ଗଞ୍ଜାମ, (ପିଏନ)- ଦକ୍ଷିଣ ଓଡିଶା ନାଟକ ମହୋତ୍ସବରେ ଜଗାବଳିଆ କଲଚରାଲ୍ ଏକାଡେମୀ, ବ୍ରହ୍ମପୁର ପ୍ରଯୋଜିତ ଚିନ୍ମୟ ରଞ୍ଜନ ମିଶ୍ରଙ୍କ ରଚିତ ' ଅନ୍ଧାରର ଆର୍ତନାଦ ' ନାଟକର ଶୁଭ ମୁହୁରତ୍ ଅନୁଷ୍ଠିତ ହୋଇଯାଇଛି । ନାଟ୍ୟ ନିର୍ଦ୍ଦେଶକ ଡ୍ରାମା ଲଭର କୃଷ୍ଣ ପଣ୍ଡାଙ୍କ ନିର୍ଦ୍ଦେଶନା ସହ ଅଜିତ କୁମାର ପାଢ଼ୀଙ୍କ ସଙ୍ଗୀତ ସଂଯୋଜନାରେ ଏହି ନାଟକ ଆଗାମୀ ୯ ଜାନୁୟାରୀରେ ପ୍ରକାଶମ ହଲ ଠାରେ ମଂଚସ୍ଥ ହେବାକୁ ଯାଉଛି ।ଏହି ସଭାରେ ପ୍ରଶାନ୍ତ ପ୍ରତିନିଧି, ସହଯୋଗୀ ନିର୍ଦ୍ଦେଶକ ଶିଶିର କୁମାର ଶତପଥୀ, ସୁଦର୍ଶନ ମହାପାତ୍ର, ସୁବ୍ରତ ବିଷୋୟୀ, ବିଶ୍ୱନାଥ ମହାପାତ୍ର, ପ୍ରତିମା ଶତପଥୀ, ନୀଳାଚଳ ମହାରଣାଙ୍କ ଭଳି ଅନେକ କଳାକାର ଉପସ୍ଥିତ ଥିଲେ । ଶେଷରେ ଯୁବ ଉପସ୍ଥାପକ ରାଇରଞ୍ଜନ ନନ୍ଦ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।ପ୍ରକାଶ ଥାଉକି, ଗଞ୍ଜାମ ଜିଲ୍ଲା ମଂଚ କଳାକାର ସମ୍ମିଳନୀ ଆନୁକୂଲ୍ୟରେ ଦକ୍ଷିଣ ଓଡିଶା ନାଟକ ମହୋତ୍ସବ ଆଗାମୀ ୬ ଜାନୁୟାରୀରୁ ୧୩ ଜାନୁୟାରୀ ୨୦୨୩ ସାତ ଦିନ ବ୍ୟାପୀ ପ୍ରକାଶମ ହଲ, ବ୍ରହ୍ମପୁର ଠାରେ ଆୟୋଜିତ ହେବାକୁ ଯାଉଛି। ଏଥିରେ ଜିଲ୍ଲା ଏବଂ ରାଜ୍ୟର ବଛା ବଛା ନାଟ୍ୟ ଅନୁଷ୍ଠାନ ନାଟକ ପରିବେଷଣ କରିବେ। ନାଟକଟି ଦର୍ଶକୀୟ ଆଦୃତ ଲାଭ କରିବା ସହ ମହୋତ୍ସବରେ ସଫଳତା ପାଇବ ବୋଲି ଆଶା କରାଯାଉଛି।

# କୋଲକାତା ଠାରେ ପୂର୍ବାଂଚଳ କ୍ଷେତ୍ରୀୟ ପରିଷଦର ୨୫ତମ ବୈଠକ

## ଅଧ୍ୟକ୍ଷତା କଲେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା




**କୋଲକାତା ,(ପିଏନ)-** କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଆଜି କୋଲକାତା ଠାରେ ପୂର୍ବାଂଚଳ କ୍ଷେତ୍ରୀୟ ପରିଷଦର ୨୫ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ, ବିହାରର ଉପମୁଖ୍ୟମନ୍ତ୍ରୀ, ଓଡ଼ିଶାର ମନ୍ତ୍ରୀମାନଙ୍କ ସହିତ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏବଂ ପରିଷଦ ଅଧୀନରେ ଆସୁଥିବା ରାଜ୍ୟର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

ବୈଠକର ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ର ଗୃହ ମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଗତ ୮ ବର୍ଷ ମଧ୍ୟରେ କ୍ଷେତ୍ରୀୟ ପରିଷଦର ବୈଠକରେ ୧୦୦୦ରୁ ଅଧିକ ବିଷୟ ଉପରେ ଆଲୋଚନା ହୋଇଛି ସେଥିମଧ୍ୟରୁ ୯୩ ପ୍ରତିଶତରୁ ଅଧିକ ପ୍ରସଙ୍ଗର ସମାଧାନ ହୋଇଛି। ଏହା ବହୁତ ବଡ଼ ସଫଳତା । ସେ କହିଥିଲେ ଯେ ୨୦୦୬ରୁ ୨୦୧୩ ପର୍ଯ୍ୟନ୍ତ କ୍ଷେତ୍ର ପରିଷଦର ମୋଟ ୬ଟି ବୈଠକ ଅନୁଷ୍ଠିତ ହୋଇଥିଲା (ବାର୍ଷିକ ହାରାହାରୀ ଗୋଟିଏରୁ ମଧ୍ୟ କମ ବୈଠକ), କିନ୍ତୁ ୨୦୧୪ରୁ ବର୍ତ୍ତମାନ ସୁଦ୍ଧା ୮ ବର୍ଷ ମଧ୍ୟରେ, କୋଭିଡ ମହାମାରୀ ସତ୍ତ୍ୱେ, ମୋଟ୍ ୨୩ଟି ବୈଠକ (ଆଜିକୁ ମିଶାଇ) ଅନୁଷ୍ଠିତ ହୋଇସାରିଛି (ବାର୍ଷିକ ହାରାହାରୀ ୩ଟି ବୈଠକ)। ଶ୍ରୀ ଶାହା କହିଥିଲେ ଯେ, କ୍ଷେତ୍ରୀୟ ପରିଷଦ ବୈଠକର ପୁନରାବୃତ୍ତିରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି ଏବଂ ଏହାର ପରିଣାମ ମଧ୍ୟ ମିଳିଛି ଯାହାକୁ ସବୁ ରାଜ୍ୟ ସରକାର, କେନ୍ଦ୍ର ମନ୍ତ୍ରଣାଳୟ ଓ ବିଭାଗର ସହଯୋଗ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଛି ଏବଂ ଏଥିରେ ଆନ୍ତଃରାଜ୍ୟ ପରିଷଦ ସଚିବାଳୟ ସକ୍ରିୟ ଭୂମିକା ଗ୍ରହଣ କରୁଛି ।

କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହା କହିଥିଲେ ଯେ, କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ସରକାର ବିଗତ ବର୍ଷଗୁଡ଼ିକ ମଧ୍ୟରେ ପୂର୍ବାଞ୍ଚଳ କ୍ଷେତ୍ରର ରାଜ୍ୟମାନଙ୍କରେ ଭିତ୍ତିଭୂମି ବିକଶିତ କରିବା ଲାଗି ଯଥେଷ୍ଟ କାର୍ଯ୍ୟ କରିଛନ୍ତି । ସେ ଆହୁରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗତିଶକ୍ତି ଯୋଜନାର ପରିକଳ୍ପନାରେ ଏକ ବଡ଼ ଭାଗ ପୂର୍ବାଞ୍ଚଳର ରାଜ୍ୟମାନଙ୍କରେ ରହିଛି କାରଣ ଶ୍ରୀ ମୋଦୀ ସବୁବେଳେ ଏହି ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରି ଆସିଛନ୍ତି । ଆସନ୍ତା ୨୫ ବର୍ଷ ସ୍ୱାଧୀନତାର ଅମୃତ କାଳ ସମୟରେ ଭାରତର ବିକାଶ ଯାତ୍ରାରେ ଦେଶର ପୂର୍ବାଞ୍ଚଳ କ୍ଷେତ୍ର ମହତ୍ୱପୂର୍ଣ୍ଣ ଯୋଗଦାନ ଦେବ । ଶ୍ରୀ ଅମିତ ଶାହା କହିଥିଲେ ଯେ, ୨୫ତମ ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକ ଭଲ ଓ ସକାରାତ୍ମକ ପରିବେଶରେ ଅନୁଷ୍ଠିତ ହୋଇଛି, ଅନେକ ପ୍ରସଙ୍ଗରେ ସହମତି ହୋଇଛି ଏବଂ ବାକି ପ୍ରସଙ୍ଗ ଉପରେ ମଧ୍ୟ ଆପୋସ ବିଚାରବିମର୍ଶ କରାଯାଇ ସମସ୍ୟାର ସମାଧାନ କରାଯିବ ।

କେନ୍ଦ୍ର ଗୃହ ମନ୍ତ୍ରୀ କହିଥିଲେ ଯେ, ଦେଶର ପୂର୍ବାଞ୍ଚଳ କ୍ଷେତ୍ର ପ୍ରାୟତଃ ବାମପନ୍ଥୀ ଉଗ୍ରବାଦ ମୁକ୍ତ ହୋଇସାରିଛି ଏବଂ ଏହି ନିର୍ଣ୍ଣାୟକ ପ୍ରଭାବକୁ ବଜାୟ ରଖିବା ଲାଗି ପ୍ରୟାସ କରାଯିବା ଉଚିତ । ଏସବୁ ରାଜ୍ୟକୁ ବାମପନ୍ଥୀ ଉଗ୍ରବାଦ ମୁକ୍ତ ରଖିବା ଏବଂ ଦେଶର ଅନ୍ୟ ପ୍ରାନ୍ତ ଭଳି ସମାନ ବିକାଶ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯିବା ଉଚିତ । ନାର୍କୋଟିକ୍ସ ନିରାକରଣ ଲାଗି ଏନସିଓଆରଡି ପ୍ରଣାଳୀର ଜିଲ୍ଲାସ୍ତରୀୟ ଡାଞ୍ଚ ଓ ଏହାର ନିୟମିତ ବୈଠକ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ କେନ୍ଦ୍ର ଗୃହ ମନ୍ତ୍ରୀ । ସେ କହିଥିଲେ ଯେ ଆଜି ଦେଶରେ ମାଦକ ଦ୍ରବ୍ୟ ବିରୋଧରେ ନିର୍ଣ୍ଣାୟକ ଲଢ଼େଇ ଜାରି ରହିଛି ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଜରିଆରେ ଡ୍ରଗ୍ସ ବିରୋଧରେ ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି ।

ଆଗାମୀ ଏକ ବର୍ଷ ପର୍ଯ୍ୟନ୍ତ ନିଜ ନିଜ ରାଜ୍ୟରେ ହେବାକୁ ଥିବା ବିଭିନ୍ନ ଜି-୨୦ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମୟରେ ରାଜ୍ୟମାନଙ୍କର ସାଂସ୍କୃତିକ ବିବିଧତା ଓ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିବା ଲାଗି ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ କେନ୍ଦ୍ର ଗୃହ ମନ୍ତ୍ରୀ ଅନୁରୋଧ କରିଥିଲେ ।

# ନବରଙ୍ଗପୁରର ଜିଲ୍ଲା ପ୍ରଶାସନ ସହ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

**ନବରଙ୍ଗପୁର, (ପିଏନ)-** ଦିନିକିଆ ନବରଙ୍ଗପୁର ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନବରଙ୍ଗପୁରର ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗର ସମୀକ୍ଷା କରିଛନ୍ତି । ଆଗାମୀ ୧୦ ବର୍ଷ ପାଇଁ ଜିଲ୍ଲାରେ ଜ୍ଞାନର ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।




ଶ୍ରୀ ପ୍ରଧାନ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ତଥା ପ୍ରାଥମିକ ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ର ଅନୁଷ୍ଠାନ ଗୁଡ଼ିକରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ପ୍ରାଧାପକଙ୍କ କାପାସିଟି ବିଲଡିଂକୁ ବଢାଇବା, ଦକ୍ଷତା ବିକାଶକୁ ପ୍ରୋତ୍ସାହନ ଦେବା, ନିଯୁକ୍ତି ଓ ଅଂଚଳର ଦକ୍ଷତା ପରିଂସ୍ଥାନକୁ ମଜଭୂତ କରିବା ଉପରେ ସମୀକ୍ଷା କରିଥିଲେ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ନବରଙ୍ଗପୁର ଜିଲ୍ଲାରେ ସ୍କୁଲରେ ପ୍ରାୟ ଶତପ୍ରତିଶତ ନାମ ଲେଖାଉଥିବା ପିଲାମାନେ ପରବର୍ତୀ ପର୍ଯ୍ୟାୟରେ ବିଭିନ୍ନ ସାମାଜିକ ଓ ଅର୍ଥନୀତି ସ୍ଥିତି କାରଣରୁ ଅଧାରୁ ପାଠ ଛାଡୁଛନ୍ତି । ଅପରପକ୍ଷରେ ଏକ ପରିସଂଖ୍ୟାନରୁ ଜିଲ୍ଲାରେ ବହୁତ ମେଧାବୀ ପିଲାମାନେ ଥିବା ଜଣାପଡିଛି । ନବଦୋୟ ବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟର ପିଲାମାନେ ଜେଇଇ ଆଡଭାନ୍ସ ଓ ନାଇଜର ପାଇଁ କ୍ୱାଲିଫାଏ ହେଉଛନ୍ତି । ଏ ଜିଲ୍ଲାରେ ବ୍ୟାପକ ନଲେଜ ଓ ସ୍କିଲିଂ ଜ୍ଞାନ ମ୍ୟାପିଂ କଲେ ହିଁ ପିଲା ମାନଙ୍କର ନିଯୁକ୍ତି, ଆତ୍ମନିଯୁକ୍ତି ଓ ସ୍ୱାବଲମ୍ବୀନଶୀଳତା ବଢ଼ିବ । ନବରଙ୍ଗପୁର ଏକ ଆକାଂକ୍ଷୀ ଜିଲ୍ଲା ହୋଇଥିବାରୁ ଏଠାରେ ମୋଦି ସରକାର ସ୍କିଲିଂ ଏବଂ ଶତପ୍ରତିଶତ ଶିକ୍ଷା ଉପରେ ଯୋର୍ ଦେଉଛନ୍ତି । ଅପରପକ୍ଷରେ ଜିଲ୍ଲାରେ ଚାଷୀମାନେ ଇସ୍ରାଏଲ ଟେକ୍ନୋଲୋଜି ମାଧ୍ୟମରେ ବିଭିନ୍ନ ଚାଷ କରିବା ପ୍ରଶଂସନୀୟ । ସେହିପରି ନରେନ୍ଦ୍ର ମୋଦି ସରକାରଙ୍କ ମହତ୍ୱକାଂକ୍ଷୀ ଯୋଜନା ଭାରତମାଳା ପ୍ରକଳ୍ପରେ ରାୟପୁରରୁ ବିଶାଖାପାଟଣା ପର୍ଯ୍ୟନ୍ତ ଯେଉଁ ରାସ୍ତା ହେଉଛି ସେଥିରୁ ୧୧୫ କିମି ରାସ୍ତା ନବରଙ୍ଗପୁର ଜିଲ୍ଲାରେ ଅଛି ଏବଂ ୧୦୦ କିମିରୁ ଅଧିକ ରାସ୍ତା କୋରାପୁଟ ଜିଲ୍ଲା ଅନ୍ତର୍ଗତ ଅଛି । ଏହି ରାସ୍ତାର ସବୁଠୁ ବଡ ଅଂଶ ଓଡ଼ିଶା ଭିତରେ ଅଛି । ଆଜି ଭାରତମାଳା ପ୍ରକଳ୍ପର ଭଲ ପ୍ରଗତି ହୋଇଛି । ଏହି ପ୍ରକଳ୍ପ କ୍ରିୟାନ୍ୱୟନ ଓ ଜମି ଗ୍ରହଣରେ ନବରଙ୍ଗପୁର ଆଗରେ ରହିଛି । ଏ ମହତ୍ୱକାଂକ୍ଷୀ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେଲେ ନବରଙ୍ଗପୁରର ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ସକାରାତ୍ମକ ପରିବର୍ତନ ଆସିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Monday December 19, 2022 ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୯,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ବାଂଲାଦେଶ ବିପକ୍ଷରେ ଭାରତର ବୃହତ ବିଜୟ

**ଚଟ୍ଟୋଗ୍ରାମ :** ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ବିଜୟ ହୋଇଛି ଭାରତ। ବାଂଲାଦେଶକୁ ଦଳ ୧୮୮ ରନ୍‌ରେ ପରାସ୍ତ କରିଛି। ଏହା ସହିତ ୨ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜ୍‌ରେ ଟିମ୍ ଇଣ୍ଡିଆ ୧-୦ରେ ଆଗୁଆ ରହିଛି। ଦୁଇଟି ଯାକ ଇନିଂସରେ ମିଶି ୮ଟି ୱିକେଟ୍ ନେଇଥିବା କୁଳଦୀପ ଯାଦବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇଛି।



ପ୍ରଥମ ଇନିଂସରେ ଏକ ପ୍ରକାର ଆତ୍ମସମର୍ପଣ କରି ଦେଇଥିବା ବାଂଲାଦେଶ ଦ୍ୱିତୀୟ ଇନିଂସ୍‌ରେ କିନ୍ତୁ ଭଲ ଖେଳିଥିଲା ଓ ମ୍ୟାଚ୍‌କୁ ପଞ୍ଚମ ଦିନରେ ପହଞ୍ଚାଇ ଦେଇଥିଲା। ୫୧୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଖେଳୁଥିବା ବାଂଲାଦେଶ ଶନିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୬ ୱିକେଟ୍ ହରାଇ ୨୭୨ ରନ୍ କରିଥିଲା। ଏଥିମଧ୍ୟରେ ରହିଥିଲା ନଜମୁଲ ହୁସେନ ସାଣ୍ଟୋଙ୍କ ୬୭ ରନ୍ ସହିତ ଡେବ୍ୟୁଟାଣ୍ଟ ଜାକିର ହାସନଙ୍କ ୧୦୦ ରନ୍।

ବିଜୟ ପାଇଁ ଆଜି ଶେଷ ଦିନରେ ୨୪୧ ରନ୍ କରିବାକୁ ଥିଲା। ତେବେ ଦଳ ପାଖରେ ଆଉ ୪ଟି ୱିକେଟ୍ ଥିଲା। କିନ୍ତୁ କ୍ରିଜ୍‌ରେ ଅଧିନାୟକ ସାକିବ ଅଲ୍ ହାସନ ଓ ଇନ୍ ଫର୍ମ ମେହଦୀ ହାସନ ମିରଜା ଥିବାରୁ ମ୍ୟାଚ୍‌ର ମୋଡ ବଦଳିପାରେ ବୋଲି କୁହାଯାଉଥିଲ। ହେଲେ ଭାରତୀୟ ବୋଲର ତାହା ହେବାକୁ ଦେଲେ ନାହିଁ। ପଞ୍ଚମ ଦିନରେ ବାଂଲାଦେଶ ମାତ୍ର ୧୧.୨ ଓଭର ଖେଳିବାକୁ ସମର୍ଥ ହୋଇଥିଲା ବେଳେ ଏଥିରୁ ୫୨ ରନ୍ ସଂଗ୍ରହ କରିଥିଲା। ଗତକାଲି ସାକିବ ଓ ମିରଜା ଯଥାକ୍ରମେ ୪୦ ଓ ୯ ରନ୍ କରି ଅପରାଜିତ ରହିଥିଲେ। ଆଜି ମିରଜା ତାଙ୍କ ଖାତାରେ ଆଉ ମାତ୍ର ୪ ରନ୍ ଯୋଡିବାକୁ ସମର୍ଥ ହୋଇଥିଲେ। ସେ ୪୮ଟି ବଲ୍‌ରେ ୧୩ ରନ୍ କରି ଆଉଟ୍ ହୋଇଯାଇଥିଲେ। ମହମ୍ମଦ ସିରାଜଙ୍କ ବଲରେ ଉମେଶ ଯାଦବଙ୍କ ଦ୍ୱାରା ସେ କ୍ୟାଚ୍ ଆଉଟ୍ ହୋଇଥିଲେ। ଅନ୍ୟପକ୍ଷରେ ଅଧିନାୟକ ସାକିବ ଅଲ୍ ହାସନ ଭଲ ଖେଳିଥିଲେ। ସେ ଆହୁରି ୪୪ ରନ୍ କରିଥିଲେ। ୧୦୮ଟି ବଲ୍‌ରୁ ୮୪ ରନ୍ କରିଥିବା ବେଳେ ସେ କୁଲଦିପ ଯାଦବଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ସେ ୬ଟି ଚୌକା ଓ ୬ଟି ଛକା ମାରିଥିଲେ। ଦଳୀୟ ସ୍କୋର ୩୨୦ରେ ପହଞ୍ଚିଥିବା ବେଳେ ସେ ଆଉଟ୍ ହୋଇଥିଲେ। ଏହା ପରେ ଆଉ ମାତ୍ର ୪ ରନ୍‌ରେ ଦଳ ଆଉ ଦୁଇଟି ୱିକେଟ୍ ହରାଇ ମ୍ୟାଚ୍ ହାରି ଯାଇଥିଲା।

ଭାରତ ପକ୍ଷରୁ ଅକ୍ଷର ପଟେଲ ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ କୁଳଦୀପ ଯାଦବ ୩ ଓ ମହମ୍ମଦ ସିରାଜ, ଉମେଶ ଯାଦବ ଏବଂ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଭାରତ ପ୍ରଥମ ଇନିଂସରେ ୪୦୪ ରନ୍ କରି ଅଲ୍ ଆଉଟ୍ ହୋଇଥିବା ବେଳେ ବାଂଲାଦେଶ ୧୫୦ ରନ୍ କରିଥିଲା। ଦ୍ୱିତୀୟ ଇନିଂସରେ ଭାରତ ୨ ୱିକେଟ୍ ହରାଇ ୨୫୮ ରନ୍ କରିଥିବା ବେଳେ ପାଳି ଘୋଷଣା କରିଥିଲା। ଭାରତ ୫୧୩ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିବା ବେଳେ ବାଂଲାଦେଶ ଦ୍ୱିତୀୟ ଇନିଂସ୍‌ରେ ୩୨୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ଓ ବାଂଲାଦେଶ ମଧ୍ୟସ୍ଥ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଡିସେମ୍ବର ୨୨ରୁ ମୀରପୁରରେ ଖେଳାଯିବ।

## ବିଜେଡିର ମଡେଲ ହେଉଛି ଓଡିଶାର ସାଢେ ୪କୋଟି ଲୋକଙ୍କ ସେବା : ସମ୍ବିତ ପାତ୍ର



**ନୂଆଦିଲ୍ଲୀ/ଭୁବନେଶ୍ୱର,(ପିଏନ)-** ଉପନିର୍ବାଚନ କଦାପି ରାଜନୀତି କିମ୍ବା ଶାସନ ପାଇଁ ମଡେଲ ନୁହେଁ। ବିଜୁ ଜନତା ଦଳ ପାଇଁ ଶାସନର ମଡେଲ ହେଉଛି ଓଡିଶାର ସାଢେ ୪କୋଟି ଲୋକଙ୍କର ସେବା କରିବା ସହିତ ଓଡିଶାକୁ ଦେଶର ଏକ ନମ୍ବର ରାଜ୍ୟରେ ପରିଣତ କରିବା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପନିର୍ବାଚନ ମଡେଲ ମନ୍ତବ୍ୟର ଜବାବରେ ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ କହିଛନ୍ତି ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ର ଆଜି । ଶନିବାର ଦିନ କେନ୍ଦ୍ରମନ୍ତ୍ରୀ ଗଣମାଧମକୁ କହିଥିଲେ ଯେ ବିଜେଡିର ପଦ୍ମପୁର ମଡେଲ ଥିଲେ ବିଜେପିର ଧାମନଗର ମଡେଲ ଅଛି । ଏହାର ପ୍ରତିକ୍ରିୟାରେ ବିଜେଡି ସାଂସଦ ଡକ୍ଟର ପାତ୍ର କହିଛନ୍ତି ଯେ ଉପ-ନିର୍ବାଚନ କଦାପି ରାଜନୀତି କିମ୍ବା ଶାସନ ପାଇଁ ମଡେଲ ହୋଇପାରିବ ନାହିଁ। ବିଜୁ ଜନତା ଦଳ ପାଇଁ ଶାସନର ମଡେଲ ହେଉଛି ଓଡିଶାର ୪.୫ କୋଟି ଲୋକଙ୍କର ସେବା କରିବା। ବିଜେଡି ଉପରେ ଲୋକଙ୍କର ବିଶ୍ୱାସ ଓ ଭରସା ଥିବାରୁ ଓଡିଶାବାସୀଙ୍କ ପାଇଁ ଏହି ଦଳ ଭଲ କାମ କରୁଛି। ଗତ ୨୨ ବର୍ଷ ଧରି ଓଡିଶାରେ ନିର୍ବାଚନ ଜିତିବା ସତ୍ୱେ ଲୋକଙ୍କ ସେବା ପାଇଁ ବିଜେଡି ନିର୍ବାଚନରେ ବିଜୟକୁ ଓଡିଶାର ମଡେଲ କରିନାହିଁ ।ଆମର ମଡେଲ୍ ହେଉଛି ଉତମ ପ୍ରଶାସନର ମଡେଲ ଏବଂ ୫-ଟି ଏବଂ ମୋ ସରକାର ଆଧାରରେ ଓଡିଶାକୁ ଭାରତର ଏକ ନମ୍ବର ରାଜ୍ୟରେ ପରିଣତ କରିବା। ଶାସନ ପାଇଁ କେନ୍ଦ୍ରମନ୍ତ୍ରୀ ଉପ-ନିର୍ବାଚନର ମଡେଲ ବ୍ୟବହାର କରନ୍ତୁ ନାହିଁ ବରଂ ଓଡିଶାର ଲୋକଙ୍କ ସେବା ପାଇଁ ଉତମ ଶାସନର ମଡେଲ ବ୍ୟବହାର କରିବାକୁ ଦିଅନ୍ତୁ ବୋଲି ଡକ୍ଟର ପାତ୍ର କହିଛନ୍ତି ।

## ଡବ୍ଲ୍ୟୁଟିସି ପଏଣ୍ଟ ତାଲିକାର ଦ୍ୱିତୀୟରେ ପହଞ୍ଚିଲା ଭାରତ

**ନୂଆଦିଲ୍ଲୀ :** ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଦୁଇ ଦିନ ମଧ୍ୟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ଭାରତ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌କୁ ଅତି ସହଜରେ ୧୮୮ ରନରେ ଜିତିଥିଲା। ଏହି ଦୁଇଟି ଫଳାଫଳ ଭାରତକୁ ବହୁତ ଫାଇଦା ଦେଇଛି ଏବଂ ଦଳ ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ପଏଣ୍ଟ ଟେବୁଲରେ ଟପ୍ -୨ ରେ ସ୍ଥାନ ପାଇଛି। ଯଦି ଭାରତ ଏହି ସ୍ଥିତିକୁ ବଜାୟ ରଖିବାରେ ସଫଳ ହୁଏ, ତେବେ ଫାଇନାଲ୍ ଖେଳିବା ନିଶ୍ଚିତ ହେବ।



ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ପୂର୍ବରୁ ଭାରତୀୟ ଦଳ ଏହି ଟେବୁଲରେ ଚତୁର୍ଥ ସ୍ଥାନରେ ରହିଥିଲା। ତା'ପରେ ଅଷ୍ଟ୍ରେଲିଆ ପ୍ରଥମ, ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଏବଂ ଶ୍ରୀଲଙ୍କା ତୃତୀୟ ସ୍ଥାନରେ ରହିଥିଲା। ଏହି ଚାରିଟି ଦଳ ମଧ୍ୟରେ ଫାଇନାଲରେ ପ୍ରବେଶ କରିବା ଦୌଡରେ ଅଛନ୍ତି । ବାକି ଦଳଗୁଡିକ ଫାଇନାଲ୍ ରେସ୍ ବାହାରେ ଅଛନ୍ତି।

ବାଂଲାଦେଶ ଉପରେ ବିଜୟ ଯୋଗୁଁ ଭାରତ ତୃତୀୟ ସ୍ଥାନରେ ପହଞ୍ଚିଛି। ଏହା ପରେ ଅଷ୍ଟ୍ରେଲିଆ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ଏହି କାରଣରୁ ଦକ୍ଷିଣ ଆଫ୍ରିକା ତୃତୀୟ ସ୍ଥାନକୁ ଖସିଗଲା ଏବଂ ଭାରତ ଦ୍ୱିତୀୟ ସ୍ଥାନକୁ ଉନ୍ନିତ ହୋଇଥିଲା। ଭାରତ ଦ୍ୱିତ ନମ୍ବର -୨ ରେ ପହଞ୍ଚି ପାରିଛି, କିନ୍ତୁ ଫାଇନାଲରେ ପହଞ୍ଚିବାକୁ ହେଲେ ଦଳକୁ ଆଗାମୀ ୫ ମ୍ୟାଚ୍ ରେ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଏହି ପାଞ୍ଚଟି ମ୍ୟାଚ୍ ମଧ୍ୟରୁ ଗୋଟିଏ ବାଂଲାଦେଶ ବିପକ୍ଷରେ ହେବାକୁ ଥିବାବେଳେ ଚାରିଟି ଟେଷ୍ଟ ମ୍ୟାଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ହେବ।

ଦକ୍ଷିଣ ଆଫ୍ରିକା ଦଳ ଆଉ ଚାରିଟି ଟେଷ୍ଟ ମ୍ୟାଚ୍ ଖେଳିବ। ଅଷ୍ଟ୍ରେଲିଆ ବିପକ୍ଷ ସାମ୍ପ୍ରତିକ ସିରିଜରେ ଦୁଇଟି ଟେଷ୍ଟ ଏବଂ ଦୁଇଟି ଟେଷ୍ଟ ମ୍ୟାଚ୍ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ହେବ। ଦକ୍ଷିଣ ଆଫ୍ରିକା ଦଳ ଯେତେ ମ୍ୟାଚ୍ ହାରିବ, ସେତେ ଅଧିକ ଭାରତ ଉପକୃତ ହେବ। ପଏଣ୍ଟ ଟେବୁଲରେ ଅଷ୍ଟ୍ରେଲିଆର ଦଳ ନମ୍ବର -୧ ରହିଛି। ଦଳ ୭୬% ରୁ ଅଧିକ ପଏଣ୍ଟ ପାଇଛନ୍ତି । ଅଷ୍ଟ୍ରେଲିଆ ଆଉ ୬ଟି ମ୍ୟାଚ୍ ଖେଳିବ । ଏଗୁଡିକ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷର ନିଜ ଘରେ ଦୁଇଟି ଓ ଅନ୍ୟ ୪ଟି ଭାରତ ବିପକ୍ଷରେ ଖେଳିବ । ଯଦି ଆଗାମୀ ମ୍ୟାଚ ଗୁଡିକରେ କଙ୍ଗାରୁ ଦଳ ସେତେଟା ଖରାପ ନଖେଳେ ତେବେ ତାର ଫାଇନାଲ ଖେଳିବା ପ୍ରାୟତଃ ପକ୍କା ହୋଇଯାଇଛି ।

ଶ୍ରୀଲଙ୍କାକୁ ଆଉ ଦୁଇଟି ଟେଷ୍ଟ ମ୍ୟାଚ ଖେଳିବାର ବାକି ଅଛି । ସେଗୁଡିକ ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବା ଯଦିଓ ଶ୍ରୀଲଙ୍କା ଦଳ ଉଭୟ ମ୍ୟାଚ୍ ଜିତେ, ତଥାପି ଏହାର ପାଖାପାଖି ୬୧% ପଏଣ୍ଟ ରହିବ । ଏଭଳି ପରିସ୍ଥିତିରେ ଭାରତୀୟ ଦଳ ଆଗାମୀ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରି ସହଜରେ ଆଗକୁ ଯାଇପାରିବ ।

## ହାତ ଧରିଲେ ଗୁଡ୍‌ଲି ଓ କଣ୍ଠଶିଳ୍ପୀ ପମି




**ଭୁବନେଶ୍ୱର,(ହୀ.ପ୍ର):** ଓଡ଼ିଆ ସିନେଜଗତର ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଶ୍ରୀ ଗୁଡ୍‌ଲି ରଥ ଆଜି ଓଡ଼ିଶା ପ୍ରଭାରୀ ଡ. ଏ ଚେଲ୍ଲା କୁମାରଙ୍କ ଉପସ୍ଥିତିରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ଦଳରେ ଯୋଗଦାନ କଲେ। ଡ. ଏ ଚେଲ୍ଲା କୁମାର ଓ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଶ୍ରୀ ରଥ ଏବଂ ସୁନାମଧନ୍ୟା କଣ୍ଠଶିଳ୍ପୀ ପମି ମିଶ୍ର, ରଶ୍ମିତା ସାହୁ ଏବଂ କାକଟପୁର ନିର୍ବାଚନ ମଣ୍ଡଳୀର ସ୍ୱପ୍ନଲିପ୍ସା ମହାନ୍ତି, ବିଶ୍ୱଜିତ ଲେଙ୍କା ଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ, ଶ୍ରୀଯୁକ୍ତ ଜୟଦେବ ଜେନା, ଶ୍ରୀ ପ୍ରସାଦ ହରିଚନ୍ଦନ, ଶ୍ରୀ ଶରତ ରାଉତ, ଶ୍ରୀ ଗେଣେଶ୍ୱର ବେହେରା, ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ, ଶ୍ରୀ ସନ୍ତୋଷ ସିଂ ସାଲୁଜା, ରାଜନ ଏକ୍କା, ଅଧିରାଜ ମୋହନ ପାଣିଗ୍ରାହୀ, ରମେଶ ଜେନା ଓ ବହୁ କଂଗ୍ରେସ ନେତୃବର୍ଗ ଉପସ୍ଥିତ ଥିଲେ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray